

Odia Daily

www.theutkalsamachar.com

ଉତ୍କଳ ସମାଚାର

ଦୈନିକ ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:119+ 22 August 2026 (Saturday)+Rourkela + Rs.2.00 + Page -1 + ୨୨ ବର୍ଷ + ସଂଖ୍ୟା:୧୧୯+ ୨୨ ଅଗଷ୍ଟ ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

# ବିଜୟଙ୍କ ଉପରେ ଜୋରଦାର ବର୍ଷିଲେ ଉଦୟନିଧି ଷ୍ଟାଲିନ

## ଏ ବିଧାନସଭା, ଏଠାରେ ଫିଲ୍ମ ଡାଏଲଗ୍ କୁହ ନାହିଁ :



ନୂଆଦିଲ୍ଲୀ,୨୧/୮: ତାମିଲନାଡୁରେ ଥଲାପତି ବିଜୟଙ୍କ ଉପରେ ବିରୋଧୀ ନେତା ଉଦୟନିଧି ଷ୍ଟାଲିନ ପୁଣି ଥରେ ଆକ୍ରମଣ କରିଛନ୍ତି । ଶୁକ୍ରବାର ତାମିଲନାଡୁ ବିଧାନସଭାରେ ବିଜୟ ସରକାର ଉପରେ ଲାଗିଥିବା ଦୁର୍ନୀତିର ଅଭିଯୋଗକୁ ନେଇ ଜୋରଦାର ଯୁକ୍ତିତର୍କ ହୋଇ ଥିଲା । ଉଦୟନିଧି ଷ୍ଟାଲିନ ମୁଖ୍ୟମନ୍ତ୍ରୀ ସି ଜୋସେଫ୍ ବିଜୟଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି ଯେ, ସେ ଡିଏମକେ ସରକାର ସହ ଜଡ଼ିତ ଦୁର୍ନୀତିର ଫାଇଲ ଗୁଡ଼ିକୁ ତୁରନ୍ତ ସାର୍ବଜନିକ କରନ୍ତୁ ଏବଂ ପ୍ରମାଣ ଅଛି ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରନ୍ତୁ । ଷ୍ଟାଲିନ ଏହା ମଧ୍ୟ କହିଛନ୍ତି ଯେ,ବିଜୟଙ୍କୁ ବିଧାନସଭାରେ ଡାଏଲଗବାଜି କରିବା ଉଚିତ୍ ନୁହେଁ। କହି ରଖୁଛୁ କି , ଏହା ପୂର୍ବରୁ ସିଏମ୍ ବିଜୟ ଏକ ବୟାନରେ କହି ଥିଲେ ଯେ, ସେ ସଠିକ୍ ସମୟ ଆସିଲେ , ପୂର୍ବରେ ସରକାରରେ ଥିବା ଡିଏମକେ ସରକାରର ଦୁର୍ନୀତିର ଫାଇଲ ଗୁଡ଼ିକ ଖୋଲିବେ। ଏହା ଉପରେ ଉଦୟନିଧି ଷ୍ଟାଲିନ ବିଜୟଙ୍କ ଉପରେ ବର୍ଷି ଥିଲେ। ଷ୍ଟାଲିନ କହିଥିଲେ , ବିଜୟ ଫାଇଲ ଗୁଡ଼ିକୁ ସାର୍ବଜନିନ କରିବା ପାଇଁ କଣ କୌଣସି ଜ୍ୟୋତିଷଙ୍କ ଶୁଭ ମୁହୂର୍ତ ବାହାର କରିବାକୁ ଅପେକ୍ଷା କରିଛନ୍ତି। ଷ୍ଟାଲିନ ଗୃହରେ କହି ଥିଲେ , ସଙ୍କୋଚରେ ରୁହନ୍ତୁ ନାହିଁ ଏବଂ ବିଧାନସଭାରେ ଫିଲ୍ମ ପରି ପଟଂ ଡାଏଲଗ୍ କୁହନ୍ତୁ ନାହିଁ। ଯଦି ଦୁର୍ନୀତିର ପ୍ରକୃତ ପ୍ରମାଣ ଅଛି, ତ ମୁଁ ତାଙ୍କୁ ଅନୁରୋଧ କରୁଛି କି, ତୁରନ୍ତ ଫାଇଲ ଗୁଡ଼ିକ ଖୋଲନ୍ତୁ ଏବଂ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ମୁଖ୍ୟମନ୍ତ୍ରୀ ଫାଇଲ ଗୁଡ଼ିକ ସାର୍ବଜନିନ କରିବାରେ ସଙ୍କୋଚ କାହିଁକି କରୁଛନ୍ତି ? ସେ କଣ ତାରିଖ ସ୍ଥିର କରିବା ପାଇଁ ନିଜର ଜ୍ୟୋତିଷଙ୍କ ଅପେକ୍ଷା କରୁଛନ୍ତି ? ଉଦୟନିଧି ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ନିକଟରେ କୌଣସି ପ୍ରମାଣ ନାହିଁ। ପ୍ରକୃତ କଥା ଏୟା ଯେ, ଷ୍ଟାଲିନ ଏହି ମାଧ୍ୟମରେ ବିଜୟଙ୍କ ଉପରେ ବ୍ୟକ୍ତିଗତ ଭାବେ ଟାର୍ଗେଟ କରିଛନ୍ତି। ଗତ ମେ ମାସରେ ତାମିଲନାଡୁରେ ସରକାର ଗଠନ ହେବାର ତୁରନ୍ତ ପରେ ବିଜୟ ନିଜର ବ୍ୟକ୍ତିଗତ ଜ୍ୟୋତିଷଙ୍କୁ ସିଏମ୍ ଅଫିସରେ ରାଜନୀତିକ ପରାମର୍ଶଦାତା ନିଯୁକ୍ତ କରି ଥିଲେ। ହେଲେ ଏହି ନିଷ୍ପତ୍ତିକୁ ନେଇ ଖୁବ୍ ବିବାଦୀୟ ସ୍ଥିତି ଉପୁଜି ଥିଲା। ସହଯୋଗୀ ଦଳ ଗୁଡ଼ିକ ମଧ୍ୟ ଏହି ପଦକ୍ଷେପର ଖୁବ୍ ନିନ୍ଦା କରିଥିଲେ।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

# ଉତର କୋରିଆ ପୂର୍ବ ଜଳସୀମାରେ ୧୦ଟି କ୍ଷେପଣାସ୍ତ୍ର ମାଡ଼ କଲା :



## ଜାପାନ-ଦକ୍ଷିଣ କୋରିଆର ଚିନ୍ତା ବୃଦ୍ଧି

ସିଓଲ,୨୧/୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୂଟନୀତି ପୁନଃ ଆରମ୍ଭ କରିବାର ପ୍ରୟାସକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଉତ୍ତର କୋରିଆ ଗୁରୁବାର ଏହାର ପୂର୍ବ ଜଳସୀମାରେ ଆଡ଼କୁ ୧୦ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ ପ୍ୟୋଙ୍ଗୟାଙ୍ଗ ଅଟଂଳରୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼କୁ ଲକ୍ଷ୍ୟ କରି ଦକ୍ଷିଣ କୋରିଆ ସେନା ଏହାର ନିରୀକ୍ଷଣ କଡ଼ାକଡ଼ି କରିଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରାରମ୍ଭରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ହୋଇଥିବା ଚିହ୍ନଟ କରିଥିଲା। ଉଭୟ ଦକ୍ଷିଣ କୋରିଆ ଓ ଜାପାନ ଏହି ଘଟଣାକୁ ସ୍ୱୀକାର କରିଥିବାବେଳେ ଏହା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ଷେପଣାସ୍ତ୍ରଗୁଡ଼ିକ ପ୍ରାୟ ୩୦୦ କିଲୋମିଟର ଦୂରରେ ଜାପାନ ସାଗରରେ ମାଡ଼ ହୋଇଥିଲା। ଜାପାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏକ ସନ୍ଦିଗ୍ଧ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଚିହ୍ନଟ ହୋଇଥିବା ସୂଚନା ଦେଇଛି ଓ ଏହା ସମୁଦ୍ରରେ ପଡ଼ିଥିବା କହିଛି। ଦକ୍ଷିଣ କୋରିଆ ଏହାର ନିରୀକ୍ଷଣ ବୃଦ୍ଧି କରିବା ସହିତ ଆମେରିକା ଓ ଜାପାନକୁ ତଥ୍ୟ ପ୍ରଦାନ କରିଛି। ଏପରି କ୍ଷେପଣାସ୍ତ୍ର ମାଡ଼ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବକୁ ଉଲ୍ଲଂଘନ କରୁଛି। ପ୍ୟୋଙ୍ଗୟାଙ୍ଗ ସାଧାରଣତଃ ଆମେରିକା-ଦକ୍ଷିଣ କୋରିଆର ମିଳିତ ସାମରିକ ଅଭ୍ୟାସ ସମୟରେ ଏପରି ପରୀକ୍ଷଣକୁ ବୃଦ୍ଧି କରିଥାଏ। ବୁଧବାର ଦକ୍ଷିଣ କୋରିଆ ଓ ଆମେରିକୀୟ ସାମରିକ ବାହିନୀ ସେମାନଙ୍କର ୧୧ ଦିନିଆ ଉଲ୍ଚି ଫ୍ରିଡମ୍ ସିଲ୍ଡ ଅଭ୍ୟାସକୁ ଛଅ ଦିନ ହ୍ରାସ କରି ଶୁକ୍ରବାର ସମାପ୍ତ କରିଥିଲେ।

# ଖାଉଟିଙ୍କୁ କନ୍ଦେଇ ଚାଲିଛି ଚିନି, ପିଆଜ ଦର



ଭୁବନେଶ୍ୱର, ୨୧/୮ (ନି/ପ୍ର): ୨୦୨୬ ମସିହା ଖାଉଟିଙ୍କୁ କନ୍ଦେଇ କନ୍ଦେଇ ଚାଲିଛି । ପେଟ୍ରୋଲ, ଡିଜେଲ ଠୁ ନେଇ ରନ୍ଧନ ଗ୍ୟାସ, ପନିପରିବା, ତେଜରାତି ଦର ସବୁ ବୃଦ୍ଧି ପାଇ ଚାଲିଛି । ଏସବୁ ମଧ୍ୟରେ ଅଧିକ ସମସ୍ୟା ଦେଉଛି ଚିନି । ଗତ ଦେଢ଼ମାସ ମଧ୍ୟରେ ଦର ୪୩ରୁ ବଢ଼ିବଢ଼ି ୬୫ରେ ପହଚିଂଥିଲା ବେଳେ ଆଜି ଆହୁରି ୫ଟଙ୍କା ବଢ଼ିଛି । କିଛି ଦୋକାନରେ କିଲୋ ୭୦ ଟଙ୍କା ଥିବା ବେଳେ ଆଉ କିଛି ସ୍ଥାନରେ ୬୫ ଟଙ୍କାରେ ବିକ୍ରି ହେଉଥିଲା ଚିନି । ସବୁଦିନିଆ ବ୍ୟବହୃତ ଚିନିର ଦରକୁ ନେଇ ଖାଉଟିଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି । ଯଦି ଚିନି ଦର ଏମିତି ବଢ଼ିଚାଲେ, ତାହା ହେଲେ ମିଠା, ଚକୋଲେଟ, ଆଇସ୍କ୍ରିମ୍ ଓ ଚା'କଫିର ଦର ବି ବଢ଼ିବ ବୋଲି ବ୍ୟବସାୟୀମାନେ କହିଲେଣି । ଚିନି ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶରୁ ଚିନି ଆସୁଛି । ଓଡ଼ିଶାରେ ବାର୍ଷିକ ୯ଲକ୍ଷ ଚିନି ହେଉଥିବାରୁ ସେହି ଅନୁସାରେ ଦୈନନ୍ଦିନ ଚିନି ଆସେ । ସେଥିପାଇଁ ଦର ଓ ପରିବହନ ଭଡ଼ା ମଧ୍ୟ ନିର୍ଦ୍ଧାରଣ କରାଯାଏ । ହେଲେ ଆଖୁ ଦର ବଢୁଥିବାରୁ ବଜାରରେ ଚିନିଦର କ୍ରମାଗତ ଭାବରେ ବଢ଼ିଚାଲିଛି । ଅପରପକ୍ଷେ, ଡାଲି କିଲୋ ୧୩୦ଟଙ୍କା ଛୁଇଁଛି । ସୋରିଷ ତେଲ ୨୦୦ରୁ ୨୨୦ ଟଙ୍କା ଥିବା ବେଳେ ପିଆଜ ଦର ସେହି ୫୦ ଟଙ୍କାରେ ଅଟକିଛି । ବେପାରୀ କହିଲେଣି ଦର ପୁଣି ବଢ଼ିବ । ଏହି ସମୟରେ ବେଙ୍ଗାଲୁରୁରୁ ନୂଆ ପିଆଜ ଆସେ । ଦର କମିଯାଏ । ହେଲେ ବେଙ୍ଗାଲୁରୁରେ ବନ୍ୟା ହେବାରୁ ଆମଦାନୀ ବନ୍ଦ । ନାସିକରେ ବି ସମାନ ଦଶା । ଏବେ ପିଆଜର ପାଇକାରୀ ଦର ୪୨ଟଙ୍କା ରହିଛି । ଏହି ସମସ୍ୟା ଆହୁରି ୪ମାସ ରହିବ । ନଭେମ୍ବରରେ ଓଡ଼ିଶାରୁ ପିଆଜ ଅମଳ ହେଲେ ଦର ଖସିଯିବ ।

## କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର,୨୧/୮: ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର ଶୁକ୍ରବାର ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ୧୯୩୮ ମସିହା ଜାନୁୟାରୀ ୨୦ ତାରିଖରେ ଜନ୍ମିତ ସ୍ୱର୍ଗତ ପଟ୍ଟନାୟକ ପିଲାଟିଦିନରୁ ସଙ୍ଗୀତ ପ୍ରତି ରୁଚି ରଖିଥିଲେ । ଓଡ଼ିଶୀ, ଶାସ୍ତ୍ରୀୟ ସଙ୍ଗୀତ, ପାରମ୍ପରିକ ସଙ୍ଗୀତ ତଥା ଅନେକ ଚଳଚ୍ଚିତ୍ର ସଙ୍ଗୀତ ଗାନ କରି ସେ ଓଡ଼ିଶାର ପୁରପଲ୍ଲୀରେ ବେଶ୍ ପରିଚିତ ଥିଲେ । ୧୯୫୮ ମସିହାରେ ପ୍ରଥମ ଥର ପାଇଁ 'ମା' ଚଳଚ୍ଚିତ୍ରରେ କଣ୍ଠଦାନ କରିବା ପରେ ଆଉ ପଛକୁ ଫେରି ଚାହିଁନ ଥିଲେ ।

# ଆସୁଛି ୨ ଲଘୁଚାପ



ଭୁବନେଶ୍ୱର,୨୧/୮(ନି/ପ୍ର):ଉତର ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମି ନିମ୍ନଚାପରେଖା ସକ୍ରିୟ ରହିଛି। ଏହା ପ୍ରଭାବରେ ଉତର ଓଡ଼ିଶାର ଗୋଟିଏରୁ ଦୁଇଟି ଜାଗାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାବ୍ୟତୀତ, ଚଳିତ ମାସ ଶେଷ ସୁଦ୍ଧା ଆଗ ପଛ ହୋଇ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଅଟଂଳରେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ଅଟଂଳରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଆସନ୍ତାକାଲି ୨୪ ଘଟାଂ ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦୁଝର ଜିଲାର କିଛି ଅଟଂଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଉପକୂଳବର୍ତୀ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋରଧା, ପୁରୀ, ଗଞ୍ଜାମ, କଟକ ଜିଲାର କିଛି ଅଟଂଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼ ଏବଂ ଗଜପତି ଜିଲାର କିଛି ଅଟଂଳରେ ବଜ୍ରପାତ ସହ ବର୍ଷା ହୋଇପାରେ। ଏହି ସବୁ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଦିଆଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଉତର ଓଡ଼ିଶାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାରେ ବନ୍ୟା ପରିସ୍ଥିତିରେ ସୁଧାର ଆସି ନଥିବା ବେଳେ ପୁଣି ଆସନ୍ତା ୨୩ କିମ୍ବା ୨୪ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର, ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଅଟଂଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ୍ ସାହୁ କହିଛନ୍ତି, ୨୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଅଟଂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ କିମ୍ବା ୨୫ ତାରିଖ ବେଳକୁ ସମାନ ଅଟଂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ଅଟଂଳରେ ପ୍ରବଳ ବର୍ଷା ହୋଇପାରେ। ୨୨ ତାରିଖ ସନ୍ଧ୍ୟାରୁ ପାଗ ମେଘୁଆ ରହିବ ଏବଂ ସ୍ଥାନେସ୍ଥାନେ ବର୍ଷା ବି ଆରମ୍ଭ ହୋଇଯିବ। ୨୩, ୨୪ ଏବଂ ୨୫ତାରିଖରେ ଉତର ଓଡ଼ିଶା ସହ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇପାରେ। ସେହିପରି, ମାସ ଶେଷ ବେଳକୁ ଉତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଅଟଂଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ପ୍ରାଥମିକ ସଙ୍କେତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଆଗକୁ ସ୍ପଷ୍ଟ ଆକଳନ କରାଯାଇ ପାରିବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତକୁ ଅନୁମତି ଦେଲେନି କେନ୍ଦ୍ର ସରକାର



ହାଇଦ୍ରାବାଦ,୨୧/୮ :ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀଙ୍କ ପ୍ରସ୍ତାବିତ ଆମେରିକା ଗସ୍ତକୁ କେନ୍ଦ୍ର ସରକାର ଅନୁମତି ଦେବାକୁ ମନା କରିଦେଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରାଜନୈତିକ କାରଣ ଦର୍ଶାଇ ଏହି ଅନୁମତି ପ୍ରତ୍ୟାଖ୍ୟାନ କରାଯାଇଥିବା ନେଇ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ) ପକ୍ଷରୁ ଜାରି ସମ୍ବାଦପତ୍ର ବିଜ୍ଞପ୍ତିରେ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯିବାକୁ ଥିବା ''ତେଲେଙ୍ଗାନା ରାଇଜିଂ''ର ସରକାରୀ ପ୍ରତିନିଧି ମଣ୍ଡଳୀକୁ ଏହି କାରଣରୁ ନିଜର ଗସ୍ତ କାର୍ଯ୍ୟକ୍ରମ ବାତିଲ କରିବାକୁ ପଡ଼ିଛି। ବର୍ତ୍ତମାନ ଲଣ୍ଡନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଆମେରିକାର ବୋଷ୍ଟନ୍ ଯିବା ପରିବର୍ତ୍ତେ ସିଧାସଳଖ ହାଇଦ୍ରାବାଦ ଫେରିଆସିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରର ଏହି ନିଷ୍ପତିରେ ଆଶ୍ଚର୍ଯ୍ୟ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ବିଶ୍ୱର ଶ୍ରେଷ୍ଠ ଆଇଭି ଲିଗ୍ ଏବଂ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତ, ତେଲେଙ୍ଗାନା ତଥା ହାଇଦ୍ରାବାଦକୁ ଆଣିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ଦ୍ୱାରା ରାଜ୍ୟର ଯୁବପିଢ଼ିଙ୍କୁ ଉନ୍ନତମାନର ଶିକ୍ଷା ଓ ତାଲିମ ମିଳିପାରିଥାନ୍ତା।

# ହସ୍ପିଟାଲରୁ ପୁଣି ଜେଲ୍ ଗଲେ ଇମ୍ରାନ୍ ଖାନ୍

## ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ କରାଯାଇଥିଲା ସ୍ୱାସ୍ଥ୍ୟ ପରୀକ୍ଷା



ଇସଲାମାବାଦ,୨୧/୮ :ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ୍-ଏ-ଇନସାଫ୍ (ପିଟିଆଇ) ନେତା ଇମ୍ରାନ୍ ଖାନଙ୍କୁ ସଂକ୍ଷିପ୍ତ ସମୟ ପାଇଁ ହସ୍ପିଟାଲରେ ଭର୍ତି କରାଯିବା ପରେ ପୁଣି ଆଡିଆଲା ଜେଲକୁ ଫେରାଇ ଅଣାଯାଇଛି। ଶୁକ୍ରବାର ଦିନ ତାଙ୍କ ଦଳ ପିଟିଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇସଲାମାବାଦସ୍ଥିତ ଶିଫା ଇଟଂରନ୍ୟାସନାଲ୍ ହସ୍ପିଟାଲରେ ତାଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶେଷ ହେବା ପରେ କାରାଗାର କର୍ତୃପକ୍ଷ ତାଙ୍କୁ ପୁଣି ଆଡିଆଲା ଜେଲକୁ ନେଇଯାଇଛନ୍ତି। ଗତ ଅଗଷ୍ଟ ୧୮ ତାରିଖରେ ପାକିସ୍ତାନ ସୁପ୍ରିମ୍ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଧାରରେ ଇମ୍ରାନଙ୍କୁ ଜେଲରୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସ୍ୱେଚ୍ଛାସେବୀ ତଥା ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ତାଙ୍କ ନିଜସ୍ୱ ବ୍ୟକ୍ତିଗତ ଡାକ୍ତରଙ୍କ ଉପସ୍ଥିତିରେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତେବେ ଇମ୍ରାନଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ପଠାଇବା ପାଇଁ ସୁପ୍ରିମ୍ କୋର୍ଟ ଦେଇଥିବା ନିଷ୍ପତ୍ତିକୁ ପାକିସ୍ତାନ ସରକାର ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଜେଲ୍ ବ୍ୟବସ୍ଥାରେ ଏହା ଆଇନଗତ ଜଟିଳତା ସୃଷ୍ଟି କରିପାରେ ବୋଲି ସରକାର ଦର୍ଶାଇଥିଲେ। ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ୨୦୨୩ ଅଗଷ୍ଟ ମାସରୁ ଜେଲରେ ଅଛନ୍ତି ଏବଂ ତାଙ୍କ ବିରୋଧରେ ଏକାଧିକ ଆଇନଗତ ମାମଲା ଚାଲିଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରିବାର ଓ ଦଳୀୟ ନେତାମାନେ ବାରମ୍ବାର ଗଭୀର ଚିନ୍ତା ପ୍ରକାଶ କରିଆସୁଥିବା ବେଳେ ତାଙ୍କୁ ତୁରନ୍ତ ଜରୁରୀକାଳୀନ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ହେଉଥିବା ଦାବିକୁ ସରକାରୀ ପକ୍ଷ ଖଣ୍ଡନ କରିଆସୁଛନ୍ତି। ସ୍ୱେଚ୍ଛାସେବୀ ତଥା ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ତାଙ୍କ ନିଜସ୍ୱ ବ୍ୟକ୍ତିଗତ ଡାକ୍ତରଙ୍କ ଉପସ୍ଥିତିରେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତେବେ ଇମ୍ରାନଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ପଠାଇବା ପାଇଁ ସୁପ୍ରିମ୍ କୋର୍ଟ ଦେଇଥିବା ନିଷ୍ପତିକୁ ପାକିସ୍ତାନ ସରକାର ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଜେଲ୍ ବ୍ୟବସ୍ଥାରେ ଏହା ଆଇନଗତ ଜଟିଳତା ସୃଷ୍ଟି କରିପାରେ ବୋଲି ସରକାର ଦର୍ଶାଇଥିଲେ

# ଆଟଂଳିକ ପ୍ରତିନିଧିତ୍ୱ ସୁରକ୍ଷା ଓ ଆର୍ଥିକ ସ୍ୱାୟତତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବି



ମହାବଳୀପୁରମ,୨୧/୮: ତାମିଲନାଡୁରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିବା ଦକ୍ଷିଣାଟଂଳ ପରିଷଦ ବୈଠକରେ ଲୋକସଭା ଆସନ ସୀମା ନିର୍ଦ୍ଧାରଣ, ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ରାଜନୈତିକ ପ୍ରତିନିଧିତ୍ୱର ସୁରକ୍ଷା, ନିଟ୍ ପରୀକ୍ଷା, କାବେରୀ ନଦୀ ଜଳ ବଟଂନ ଏବଂ ଅଧିକ ଆର୍ଥିକ ସ୍ୱାୟତ୍ତତା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀମାନେ ଜୋର ଦେଇଛନ୍ତି। ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ଦକ୍ଷିଣାଟଂଳର ରାଜନୈତିକ ସ୍ୱର ଯେପରି ଦୁର୍ବଳ ନ ହୁଏ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ଦାବି କରିଛନ୍ତି। ଅପରପକ୍ଷରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଦକ୍ଷିଣ ଭାରତର ସଂସଦୀୟ ଶକ୍ତିକୁ ସୁରକ୍ଷିତ ରଖିବା ପାଇଁ ବୈଠକରେ ଏକ ଆନୁଷ୍ଠାନିକ ସଂକଳ୍ପ ପାରିତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ବୈଠକରେ ନଦୀ ଜଳ ପରିଚାଳନା, ପରିବହନ, ଉପକୂଳ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ସମସ୍ତ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ, ଯେଉଁ ରାଜ୍ୟଗୁଡ଼ିକ ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିଛନ୍ତି, ସେମାନଙ୍କୁ ସଂସଦୀୟ ପ୍ରତିନିଧିତ୍ୱ କ୍ଷେତ୍ରରେ ଦଣ୍ଡିତ କରାଯିବା ଉଚିତ ନୁହେଁ। ସେଥିପାଇଁ ୧୯୭୧ ଜନଗଣନା ଆଧାରରେ ହିଁ ସଂସଦୀୟ ଆସନ ସଂଖ୍ୟା ବଜାୟ ରଖିବାକୁ ସେ କେନ୍ଦ୍ର ସରକାରଙ୍କଠାରୁ ଆଇନଗତ ପ୍ରତିଶ୍ରୁତି ଚାହିଛନ୍ତି। ଏହା ସହିତ ନିଟ୍ ପରୀକ୍ଷା ଦ୍ୱାରା ଗ୍ରାମାଟଂଳ ଏବଂ ସାମାଜିକ ତଥା ଆର୍ଥିକ ସ୍ତରରେ ପଛୁଆ ଥିବା ଛାତ୍ରମାନେ କ୍ଷତିସହୁଥିବାରୁ ତାମିଲନାଡୁକୁ ଏଥିରୁ ବାଦ୍ ଦେବା ପାଇଁ ସେ ଦାବି ଦୋହରାଇଛନ୍ତି। ଦ୍ୱାଦଶ ଶ୍ରେଣୀ ମାର୍କ ଆଧାରରେ ହିଁ ରାଜ୍ୟ କୋଟାରେ ଏମ୍‌ବିବିଏସ୍ ଏବଂ ବିଡିଏସ ପାଠ୍ୟକ୍ରମରେ ନାମଲେଖା ହେବା ଉଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବକୁମାର ପ୍ରସ୍ତାବ ଦେଇଛନ୍ତି ଯେ, ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଲୋକସଭାର ଆସନ ସଂଖ୍ୟା ୫୪୩ ରେ ସୀମିତ ରଖାଯାଉ ଏବଂ ନୂତନ ସୀମା ନିର୍ଦ୍ଧାରଣକୁ ଅପେକ୍ଷା ନକରି ଏହି ଆସନ ମଧ୍ୟରେ ହିଁ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରାଯାଉ। ଏହା ବ୍ୟତୀତ ୧୫ତମ ଅର୍ଥ କମିସନଙ୍କ ସୁପାରିସ ଅନୁଯାୟୀ କର୍ଣ୍ଣାଟକର ଟିକସ ଅଂଶଧନ ହ୍ରାସ ପାଇଥିବାରୁ ରାଜ୍ୟ ପ୍ରାୟ ୬୫,୦୦୦ କୋଟି ଟଙ୍କାର କ୍ଷତି ସହିଛି, ଯାହାକୁ ସଂଶୋଧନ କରିବା ସହ ବାକି ଥିବା ସ୍ୱତନ୍ତ୍ର ଅନୁଦାନ ରାଶି ମଞ୍ଜୁର କରିବାକୁ ସେ ଦାବି କରିଛନ୍ତି। ମେକେଦାତୁ ପ୍ରକଳ୍ପ ସମ୍ପର୍କରେ ସେ କହିଛନ୍ତି ଯେ ଏହା ଦ୍ୱାରା ତାମିଲନାଡୁର ଚାଷୀମାନେ ହିଁ ଉପକୃତ ହେବେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗୋଦାବରୀ-କାବେରୀ ନଦୀ ସଂଯୋଗୀକରଣ ପ୍ରକଳ୍ପ ମାଧ୍ୟମରେ ୫୦୦ ଟିଏମ୍‌ସିରୁ ଅଧିକ ଜଳ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଛନ୍ତି। ନାଇଡୁ କହିଛନ୍ତି ଯେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଦେଶର ମୋଟ ଜିଡିପିରେ ୩୧ ପ୍ରତିଶତ ଯୋଗଦାନ ଦେଉଛନ୍ତି ଏବଂ ୨୦୪୭ ସୁଦ୍ଧା ଏହି ଅଟଂଳ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ ହେବାର କ୍ଷମତା ରଖିଛି। ସେଥିପାଇଁ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ବୁଲେଟ ଟ୍ରେନ କରିଡର ନିର୍ମାଣ ସହ ଅମରାବତୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ମଧ୍ୟରେ ସମନ୍ୱିତ ପରିବହନ ବ୍ୟବସ୍ଥା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ମୁଲ୍ଲାପେରିୟାର ଡ୍ୟାମ ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ନୂତନ ବନ୍ଧ ନିର୍ମାଣ ପାଇଁ ତାମିଲନାଡୁ ସମ୍ମତି ଦେଲେ କେରଳ ସମସ୍ତ ଜଳ ଯୋଗାଇଦେବ ଏବଂ ପ୍ରକଳ୍ପର ସମସ୍ତ ଖର୍ଚ୍ଚ ନିଜେ ବହନ କରିବ। ଏହି ବୈଠକରେ ତେଲେଙ୍ଗାନା ଉପମୁଖ୍ୟମନ୍ତ୍ରୀ ଭଟ୍ଟି ବିକ୍ରମାର୍କ ମଲ୍ଲୁ ମଧ୍ୟ ଯୋଗଦେଇ ଆଟଂଳିକ ବିକାଶ ପାଇଁ ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255816
Email: utkalsamachar@gmail.com, Mob: 9437086122


# ଶିକ୍ଷକ ପଦବୀ ପୂରଣ ଦାବିରେ ବିଦ୍ୟାଳୟ ବାହାରେ ତାଲା ପକାଇଲେ ଅଭିଭାବକ



ଚମ୍ପୁଆ,୨୧/୮(ନି/ପ୍ର): ବିଦ୍ୟାଳୟରେ ନାଁହାନ୍ତି ଆବଶ୍ୟକ ଶିକ୍ଷକ। ଶିକ୍ଷକ ପଦବୀ ପୂରଣ ଦାବିରେ ସ୍କୁଲ ବାହାରେ ତାଲା ପକାଇଲେ ଅଭିଭାବକ। କେନ୍ଦୁଝରଜିଲ୍ଲା ଚମ୍ପୁଆ ବ୍ଲକ ଦୋଳିତା ସ୍ଥିତ ରଜିଆ ଗ୍ରାମ ପଚାଂୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାହାରେ ଆଜି ତାଲା ପକାଇଛନ୍ତି ଅଭିଭାବକ। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୨୫୯ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ଷଷ୍ଠ ସପ୍ତମ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବାବେଳେ ନବମ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଅଛନ୍ତି। ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଏହାସହିତ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇମାସରୁ ଅଧିକ ହେବ ଏସଆଇଆର ଡ୍ୟୁଟି ଦିଆଯାଇଥିବାରୁ ଦୁଇମାସ ହେବ ସେ ସ୍କୁଲ ଆସୁନଥିବାରୁ ଦୁଇମାସ ହେବ ସ୍କୁଲରେ ଗଣିତ ପାଠପଢା ବନ୍ଦ ରହିଛି। ଆଗକୁ ମେଟ୍ରିକ୍ ପରୀକ୍ଷା ଥିବାବେଳେ ପାଠପଢ଼ା ହୋଇ ପାରୁନାହିଁ। ଏହାକୁ ନେଇ ଅଭିଭାବକ ଅନେକ ଥର ଶିକ୍ଷା ବିଭାଗ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବାରୁ ଆଜି ବିଦ୍ୟାଳୟରେ ଚାବି ପକାଇଛନ୍ତି ଅଭିଭାବକ। ଫଳରେ ଛାତ୍ରଛାତ୍ରୀ ଶିକ୍ଷକ ବାହାରେ ରହିଥିବାରୁ ପାଠପଢା ବନ୍ଦ ରହିଛି।

# ‘ନିଶାମୁକ୍ତ ଭାରତ ଅଭିଯାନ’ କାର୍ଯ୍ୟକ୍ରମ

ଚମ୍ପୁଆ,୨୧/୮(ନି/ପ୍ର): ଚମ୍ପୁଆ କୋର୍ଟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାରକୁ ରୋକିବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭୁତି ଭୂଷଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ପ୍ରଣୟ କୁମାର ଦାସ, ସବ ଜଜ ଜିତେନ୍ଦ୍ର କୁମାର ଦାସ, ଏସ ଡି ଜେ ଏମ ସଦନଜିତ ପଣ୍ଡା, ଏବଂ ଜେ ଏମ ଏଫ୍ ସି ସୁଶ୍ରୀ ସସ୍ମିତା ମିଶ୍ର ପ୍ରମୁଖ ବିଚାରପତି ମାନେ ଯୋଗ ଦେଇଥିଲେ। ଏହା ସହିତ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପତିଙ୍କ ସମେତ ଚମ୍ପୁଆ ଓକିଲ ସଂଘର ସମସ୍ତ ଓକିଲ ଏବଂ କୋର୍ଟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅବଦୁଲ ଖାନ ଓ ରାମକୃଷ୍ଣ ଜିତ ପ୍ରମୁଖ ସୂଚାରୁରୂପେ ପରିଚାଳନା କରିଥିଲେ।ଏହି ପରିପ୍ରେକ୍ଷୀରେ କୋର୍ଟର ବିଚାରପତି, ଆଇନଜୀବୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ନିଶାମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନେଇଥିଲେ। ଦେଶକୁ ନିଶାମୁକ୍ତ କରିବା ପାଇଁ ସମସ୍ତେ ମିଳିତ ଭାବେ ଶପଥ ପାଠ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମାଜର କଲ୍ୟାଣ ଏବଂ ଆଗାମୀ ପିଢ଼ିର ସୁରକ୍ଷା ପାଇଁ ଏଭଳି ଅଭିଯାନ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି।

# କେନ୍ଦ୍ରାପଡ଼ା ଜିଲ୍ଲାର ୬ଟି ବ୍ଲକ୍ ବନ୍ୟା ପ୍ରଭାବିତ

କେନ୍ଦ୍ରାପଡ଼ା, ୨୧/୮(ନି/ପ୍ର): ୧୯ ଅଗଷ୍ଟ ୨୦୨୬ ସକାଳ ୧୧ଟା ସୁଦ୍ଧା କେନ୍ଦ୍ରାପଡ଼ା ଜିଲ୍ଲାର ୬ଟି ବ୍ଲକ୍— ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା—ବନ୍ୟା ପ୍ରଭାବିତ ହୋଇଛି। ୬୮ଟି ଗ୍ରାମ ପଂଚାୟତ ଓ ୧୫୫ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ପ୍ରଭାବିତ ହୋଇଛି। ମୋଟ ୨,୪୦,୪୬୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।ବନ୍ୟା ପ୍ରଭାବିତ ଅଂଚଳରୁ ସମୁଦାୟ ୨୮ଟି କେନ୍ଦ୍ରରେ ୫,୦୨୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆଜି ୧୦ଟି କେନ୍ଦ୍ରରେ ୧,୭୩୫ ଜଣ ଅବସ୍ଥାନ କରୁଛନ୍ତି। ସମୁଦାୟ ୨୨ଟି ମାଗଣା ରନ୍ଧାଘର/ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୦ଟି କେନ୍ଦ୍ର ଚାଲୁ ରହିଛି। ରିଲିଫ୍ ଭାବେ ସମୁଦାୟ ୩୨୬.୪୮ କ୍ୱିଂଟାଲ ଚାଉଳ, ୩୬.୮ କ୍ୱିଂଟାଲ ଚୁଡ଼ା ଓ ୦୯ କ୍ୱିଂଟାଲ ଗୁଡ଼/ ଚିନି ବଂଟନ କରାଯାଇଛି। ଏଥିସହ ୧୨,୯୧୫ ପ୍ୟାକେଟ୍ ବିସ୍କୁଟ, ୧୮,୧୨୦ଟି ପାଣି ବୋତଲ, ୧୨,୦୦୦ଟି ପାଣି ପାଉଚ୍ ଓ ବେବି ଫୁଡ୍ ବ[ନ କରାଯାଇଛି। ଆଜି ୧୨୧କ୍ୱିଂଟାଲ ଚୁଡ଼ା, ୨୦.୧ କ୍ୱିଂଟାଲ ଗୁଡ଼/ଚିନି, ୭୪୪ ପ୍ୟାକେଟ୍ ବିସ୍କୁଟ, ୧୮,୧୨୦ଟି ପାଣି ବୋତଲ, ୧୨,୦୦୦ଟି ପାଣି ପାଉଚ୍, ବେବି ଫୁଡ୍ ଓ ୦୧ଟି ପଲିଥିନ୍ ବଂଟନ କରାଯାଇଛି।ମୋଟ ୯୪,୭୬୭ଟି ପଶୁସମ୍ପଦ ପ୍ରଭାବିତ ହୋଇଛି। ଏଥିରେ ବଡ଼ ପଶୁ ୫୩,୬୬୪, ଛୋଟ ପଶୁ ୨୧,୬୦୮ ଓ କୁକୁଡ଼ା ୧୯,୪୯୫ ରହିଛି।ପଶୁସମ୍ପଦ ମୃତ୍ୟୁ ସଂଖ୍ୟା ଶୂନ।ବନ୍ୟା ଯୋଗୁଁ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଂଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ହ୍ରାସ ପରେ ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ଦାଖଲ କରାଯିବ। ଘରବାଡ଼ିର କ୍ଷୟକ୍ଷତି ମଧ୍ୟ ବନ୍ୟାଜଳ ହ୍ରାସ ପରେ ଆକଳନ କରାଯିବ।ପ୍ରଭାବିତ ଅଂଚଳରେ ୧୨ଟି ମେଡିକାଲ୍ ଟିମ୍ ମୁତୟନ କରାଯାଇଛି। ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଓ ରାଜକନିକାରେ ୨ଟି ମେଡିକାଲ୍ ଟିମ୍ ରହିଛି। ଏଥିସହ ୬ଟି ଭେଟେରିନାରୀ ଟିମ୍ ମୁତୟନ କରାଯାଇଛି।ବନ୍ୟାରେ ୧୨୬ଟି ରାସ୍ତା ବନ୍ୟାଜଳରେ ବୁଡ଼ି ରହିଥିବାରୁ ବିଚ୍ଛିନ୍ନ ହୋଇଛି। ଭିନ୍ନିଭୂମି କ୍ଷୟକ୍ଷତି, ଗଛ ଉପୁଡ଼ିବା ଓ ବିଦ୍ୟୁତ୍ ବ୍ୟାହତ ହେବାର ରିପୋର୍ଟ ନାହିଁ। ଉଦ୍ଧାର କାର୍ଯ୍ୟ ପାଇଁ ୦୬ଟି ଝଜଉ ପାୱାର ବୋଟ୍, ୧୧୬ଟି ଦେଶୀ ଡଙ୍ଗା ଓ ୧୧ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ମୁତୟନ କରାଯାଇଛି।ବ୍ରାହ୍ମଣୀ ନଦୀ ଅଲଭାଠାରେ ବିପଦ ସଙ୍କେତ ୪.୮୮ ମିଟର ତୁଳନାରେ ବର୍ତ୍ତମାନ ଜଳସ୍ତର ୬.୦୦ ମିଟର, ଗୋପାଳପୁରଠାରେ ବିପଦ ସଙ୍କେତ ୧୦.୦୫ ମିଟର ତୁଳନାରେ ୧୦.୬୯ ମିଟର ଏବଂ ଜେନାପୁର ଆନିକଟ୍ରେ ବିପଦ ସଙ୍କେତ ୬୭ ଫୁଟ୍ ତୁଳନାରେ ୬୫.୪୦ ଫୁଟ୍ ଜଳସ୍ତର ରହିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ଚମ୍ପୁଆ,୨୧/୮(ନି/ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା କେଉଁଠି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି ତ କେଉଁଠି ଗରିବର ମୁଣ୍ଡ ଗୁଞ୍ଜିବା ଆଶ୍ରୟ ଛଡ଼ାଇ ନେଇଛି। ଏଭଳି ଏକ ଦୁଃଖଦାୟକ ଚିତ୍ର ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ବଡ଼ନଇ ପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହିରେ। ଗତକାଲି ଲଗାଣ ବର୍ଷା ଯୋଗୁଁ ଏହି ସାହିର ମନମୋହନ ମହାନ୍ତଙ୍କ ବାସଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତେବେ ଏକ ବଡ଼ ବିପଦରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏବେ ସେମାନେ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସୂଚନା ଅନୁଯାୟୀ, ମନମୋହନ ମହାନ୍ତ ନିଜେ ଜଣେ ଦୀର୍ଘଦିନର ରୋଗୀ ଏବଂ ତାଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଅନ୍ୟପଟେ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କ ସ୍ତ୍ରୀ ମଞ୍ଜୁଳା ମହାନ୍ତଙ୍କ ସ୍ୱାସ୍ଥ୍ୟ ମଧ୍ୟ ସଦାସର୍ବଦା ଖରାପ ରହୁଛି। ଦୁଃଖର ବିଷୟ, ବାରମ୍ବାର ଆବେଦନ କରିବା ସତ୍ୱେ ମଧ୍ୟ ମଞ୍ଜୁଳାଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତା ମିଳିପାରି ନାହିଁ। ଏଭଳି ସ୍ଥିତିରେ ମୁଣ୍ଡ ଉପରେ ଥିବା ଏକମାତ୍ର ଚାଳ ଛପର ମାଟିଘରଟି ଭାଙ୍ଗିଯିବା ପରେ ଏହି ବୃଦ୍ଧ ଦମ୍ପତି ଏବେ ସମ୍ପୂର୍ଣ୍ଣ ନିରାଶ୍ରୟ ହୋଇପଡ଼ିଛନ୍ତି। ଘର ଭାଙ୍ଗିବା ସମ୍ପର୍କରେ ସ୍ଥାନୀୟ ସରପଂଚଙ୍କୁ ତୁରନ୍ତ ଅବଗତ କରାଯାଇଥିଲେ ହେଁ, ଘଟଣାର ଦୀର୍ଘ ସମୟ ପରେ ବି କୌଣସି ସରକାରୀ ଅଧିକାରୀ କିମ୍ବା ପ୍ରଶାସନର ପାଦ ଗ୍ରାମରେ ପଡ଼ିନାହିଁ। ବିପନ୍ନ ପରିବାରକୁ ତୁରନ୍ତ ପଲିଥିନ ଖଣ୍ଡିଏ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁର୍ଦ୍ଦିନ ସମୟରେ ମନମୋହନଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା, ଆବାସ ଯୋଜନାରେ ଏକ ପକ୍କା ଘର ଏବଂ ବାର୍ଦ୍ଧକ୍ୟ ଭତା ପ୍ରଦାନ କରିବାକୁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହେଉଛି।

# ୨୦ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାହେଲେ ବିପିଏମ



କୁଜଙ୍ଗ,୨୧/୮(ନି/ପ୍ର): ଜଗତସିଂହପୁରଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ଲକ ପ୍ରୋଗ୍ରାମିଂ ଅଫିସର(ବିପିଏମ) ଆଜି ମଧ୍ୟାହ୍ନ ସମୟରେ ଜନୈକା ଆଶା କର୍ମୀ ଠାରୁ ମେଡିକାଲ ପରିସର ମଧ୍ୟରେ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିବା ଜଣାପଡିଛି । ଭିଜିଲାନ୍ସ ଅଧିକାରୀ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରି ନେଇଥିବା ଜଣାପଡିଛି । ପ୍ରକାଶ ଯେ, କୁଜଙ୍ଗ ବ୍ଲକ ଫତେପୁର ଗ୍ରାମର ରୀନା ଲେଙ୍କା ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୦୫ ମସିହାରେ ସୋ ନିଯୁକ୍ତ ହୋଇଥିବାରୁ ତାଙ୍କର ଆଧାର କାର୍ଡ ନଥିଲା। ଫଳରେ ସେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଚାକିରୀ କରିଥିଲେ। ପରେ ଆଧାର ବାହାରିବା ପରେ ସ୍କୁଲ ସାର୍ଟିଫିକେଟ ଓ ଆଧାର ବୟସ ମଧ୍ୟରେ ଦୁଇ ବର୍ଷର ଫରକ ରହିଥିଲା । ଆଧାର ଅନୁଯାୟୀ ତାଙ୍କର ଅବସର ସମୟ ହୋଇଯାଇଥିବା ବେଳେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ତାଙ୍କର ଆଉ ଦୁଇବର୍ଷ ଚାକିରୀ କାର୍ଯ୍ୟକାଳ ରହିଥିଲା । ତେବେ ଅଭିଯୁକ୍ତ ମନୋରଂଜନ ରୀନାଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ନହେଲେ ଆଧାର ଅନୁଯାୟୀ ତାଙ୍କୁ ଅବସର କରିଦେବେ ବୋଲି କହିବା ସହିତ ଟଙ୍କା ଦେଲେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ଆଉ ଦୁଇବର୍ଷ ଚାକିରୀ କରାଇଦେବେ ବୋଲି କରିଥିଲା। କେବଳ ରୀନା ଏକା ନୁହେଁ ଏହିପରି ୨୦ ଜଣ ଆଶା କର୍ମୀ ରହିଥିଲେ। ମନୋରଂଜନ ବାରମ୍ବାର ଟଙ୍କା ମାଗିବାରୁ ରୀନା ଭିଜିଲାନ୍ସ ସହିତ ଯୋଗାଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରୀନା ମନୋରଞ୍ଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ଖାମରେ ୨୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ତାକୁ କାବୁ କରି ନେଇଥିଲେ। ତେବେ ଏହି ଘଟଣାରେ ମେଡିକାଲର ଆଉ କେହି ସାମିଲ ଅଛନ୍ତି କି ନାହିଁ ସ୍ପଷ୍ଟ ହୋଇନାହିଁ।

# ବାଲେଶ୍ୱର ବନ୍ୟା ମୁକାବିଲାରେ ସରକାର ସଂପୂର୍ଣ୍ଣ ବିଫଳ : ବିଜେଡି

ଭୁବନେଶ୍ୱର,୨୧/୮(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତିକୁ ଆକଳନ କରିବାରେ ଏବଂ ମୁକାବିଲା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ବନ୍ୟା ଆସିବାର ଦୁଇ ସପ୍ତାହ ପରେ ବି ଏଯାଏ ଜିଲ୍ଲାର ବହୁ ସ୍ଥାନରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ମଧ୍ୟ ପହଚିଂ ନାହିଁ । ବନ୍ୟା ପାଣି ପଶି ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନଟିଏ ମଧ୍ୟ ମିଳିନାହିଁ । କିଛି କିଛି ସ୍ଥାନରେ ଲୋକଙ୍କୁ ଚୁଡ଼ା ଗଣ୍ଡାଏ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି । ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାର ବନ୍ୟାଚଂଳ ଗସ୍ତରେ ଆସିଥିବା ରାଜ୍ୟ ବିଜେଡି ଉପସଭାପତି ସଂଜୟ ଦାସବର୍ମା ଏଭଳି ଅଭିଯୋଗ ଆଣିଛନ୍ତି ଏବଂ ଏହି ବିଫଳତା ପାଇଁ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅପାରଗତାକୁ ଦାୟୀ କରିଛନ୍ତି । ଶ୍ରୀ ଦାସବର୍ମାଙ୍କ ନେତୃତ୍ୱର ବିଜେଡିର ଏକ ପ୍ରତିନିଧିଦଳ ଆଜି ସକାଳେ ଭୋଗରାଇ ବ୍ଲକରୁ ବନ୍ୟାଚଂଳ ପରିଦର୍ଶନ ଆରମ୍ଭ କରିଥିଲେ । ଡଙ୍ଗାରେ ବିଭିନ୍ନ ପଚାଂୟତ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲେ । ପରେ ବାଲିଆପାଳ ଓ ବସ୍ତା ବ୍ଲକ୍ ର ବିଭିନ୍ନ ବନ୍ୟା ପ୍ରଭାବିତ ଅଚଂଳ ବୁଲି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ଓ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ । ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟେ କରି ଶ୍ରୀ ଦାସବର୍ମା କହିଥିଲେ ଯେ ବାଲେଶ୍ୱରବାସୀଙ୍କ ପାଇଁ ବନ୍ୟା ନୂଆ ନୁହେଁ । କିନ୍ତୁ ଏ ସରକାର ପ୍ରବଳ ବର୍ଷା ଏବଂ ତଦଜନିତ ବନ୍ୟାକୁ ଠିକ୍ ଭାବେ ଆକଳନ କରିପାରିଲେ ନାହିଁ କି ବନ୍ୟାକୁ ପରିଚାଳନା କରିପାରିଲେ ନାହିଁ । ବର୍ଷା ପାଣିରେ ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାବେଳେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ମଧ୍ୟ ନେଇ ପାରିଲେ ନାହିଁ । ପରବର୍ତ୍ତୀ ସମୟରେ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, କାଂଶବାଂଶ, ଜଳକା ଓ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାକୁ ମୁକାବିଲା କରିବାରେ ବିଫଳ ହେଲେ । ଶ୍ରୀ ଦାସବର୍ମା ଆହୁରି କହିଲେ ଯେ ଚଳିତ ବର୍ଷାର ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଶହ ଶହ ଗାଁ ଏବେ ବି ପାଣି ଘେରରେ ଥିବା ବେଳେ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁ ନାହିଁ । ଏଯାଏ ଲୋକଙ୍କୁ ଚାଉଳ ଗଣ୍ଡେ ଦିଆଯାଇନି । ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ ଓ ପଲିଥିନ ଆଦି ନ ପହଚିଂବା ସରକାରଙ୍କ ଚରମ ବିଫଳତାକୁ ପଦାରେ ପକାଇ ଦେଇଛି । ତେଣୁ ସରକାର ତୁରନ୍ତ ବନ୍ୟା ପ୍ରଭାବିତ ଅଚଂଳରେ ପହଚିଂ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଅନ୍ତୁ । ବନ୍ୟା ଯୋଗୁଁ ଦୁଇ ଦୁଇ ଥର ଚାଷ ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ରିଲିଫ କୋର୍ଡ଼ଅନୁସାରେ କ୍ଷତିପୂରଣ ପ୍ରଦାନ ସହ କୃଷିଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ । ଏହା ବ୍ୟତୀତ ବନ୍ୟା ଅଚଂଳରେ ବୁଡ଼ି ରହିଥିବା ଉଠାଜଳସେଚନ ପଏଂଟ, ବିଦ୍ୟୁତ ଭିନ୍ନିଭୂମିର ପୁନରୁଦ୍ଧାର କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସେ ଦୃଢ଼ ଦାବି କରିଥିଲେ । ଶେଷରେ ସେ ବାଲେଶ୍ୱର ଜିଲ୍ଲାରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଆଲୋଚନା କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଆଜି ବନ୍ୟାଚଂଳ ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ାରେ ଭାରତ ସରକାରଙ୍କ ଜାତୀୟ କୃମି ରୋଗ ପରୀକ୍ଷା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୧/୮(ନି/ପ୍ର): ଭାରତ ସରକାରଙ୍କ ଜାତୀୟ ସ୍ତରୀୟ କୃମି ରୋଗ ନିରୀକ୍ଷଣ ଓ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଚଳିତ ବର୍ଷ ଓଡ଼ିଶାର ୬ଟି ଜିଲ୍ଲାର ୭ଟି ସ୍ଥାନରେ ୯ରୁ ୧୧ ବର୍ଷ ବୟସର ଶିଶୁମାନଙ୍କ ମଳ ନମୁନା ପରୀକ୍ଷା କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ରାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ୯ରୁ ୧୧ ବର୍ଷ ବୟସର ଛାତ୍ରଛାତ୍ରୀଙ୍କ ମଳ ନମୁନା ପରୀକ୍ଷା କରାଯାଇଛି।ଭାରତ ସରକାରଙ୍କ ଏକ ୪ ଜଣିଆ ବିଶେଷଜ୍ଞ ଦଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଳରେ ଡା. ଜି. ସୁମିତ୍ରା ଡୋରା, ରିସର୍ଚ୍ଚ ଅଫିସର, ଏସ୍. ଟି. ଡି. ରୋହିତ, ରିସର୍ଚ୍ଚ ଆସିଷ୍ଟାଂଟ, ସରୋଜ ବାଲା, ଟେକ୍ନିସିଆନ୍ ଏବଂ ଅଜୟ କୁମାର, ଲାବ୍ ଆସିଷ୍ଟାଂଟରହିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ଡା. ଡୋରା ଛାତ୍ରଛାତ୍ରୀ, ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ କୃମି ରୋଗର କାରଣ, ଏହାର ସଂକ୍ରମଣ ପ୍ରକ୍ରିୟା ଏବଂ କୃମି ରୋଗରୁ ମୁକ୍ତ ରହିବା ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟକର ଅଭ୍ୟାସ ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟ ସଦସ୍ୟମାନେ ମଳ ନମୁନା କିପରି ସଂଗ୍ରହ ଓ ପରୀକ୍ଷା କରାଯାଏ, ସେ ସମ୍ପର୍କରେ ବୁଝାଇଥିଲେ।ସଚେତନତା ପରେ ଛାତ୍ରଛାତ୍ରୀଙ୍କଠାରୁ ମଳ ନମୁନା ସଂଗ୍ରହ କରାଯାଇଥିଲା। ନମୁନାଗୁଡ଼ିକୁ ସୁରକ୍ଷିତ ଭାବେ ପରୀକ୍ଷା କରିବା ପାଇଁ କୋଲ୍ଡ ବକ୍ସ ବ୍ୟବହାର କରାଯାଇଥିଲା। ମୋଟ ୬୯ଟି ନମୁନା ପରୀକ୍ଷା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହି ଟିମ୍ ପୂର୍ବରୁ ୨୦୨୦ ମସିହାରେ ମଧ୍ୟ ରାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ କୃମି ରୋଗ ସମ୍ପର୍କିତ ମଳ ନମୁନା ପରୀକ୍ଷା କରିଥିଲେ। ପ୍ରାରମ୍ଭିକ ସୂଚନା ଅନୁସାରେ, ୨୦୨୦ ତୁଳନାରେ ୨୦୨୬ରେ କୃମି ରୋଗର ସଂକ୍ରମଣ ଅପେକ୍ଷାକୃତ କମ୍ ଥିବା ଜଣାପଡ଼ିଛି।


## ହୋମି ଭାଭା ବିଜ୍ଞାନ ଶିକ୍ଷାକେନ୍ଦ୍ର

ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଂଟାଲ୍ ରିସର୍ଚ୍ଚ

**ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୬-୨୦୨୭**

ଜ୍ୟୋତିଷ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିୟର ସାଇନ୍ସ

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ **ନଭେମ୍ବର ୨୧ ଏବଂ ୨୨, ୨୦୨୬** ରେ **ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା ପରିଚାଳିତ (ସମ୍ପର୍କିତ **ଜାତୀୟ ମାନକ ପରୀକ୍ଷା (ଏନ୍ଏସଇ)** (ବିଜ୍ଞାନ ବିଷୟ ପାଇଁ) ରେ ଉପସ୍ଥିତ ରହିବା ଆବଶ୍ୟକ।

ଜାତୀୟ ମାନକ ପରୀକ୍ଷାରେ ଯୋଗ୍ୟତା ହାସଲ ହେଉଛି **୨୦୨୭ ର ସମ୍ପର୍କିତ ଆନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ** ଅଂଶଗ୍ରହଣ ପାଇଁ ପ୍ରଥମ ପଦକ୍ଷେପ।

ନାମଲେଖ କରିବା ପାଇଁ:

**NSEs: https://www.iapt.org.in ((Aug 21 - Sep 14, 2026)**

ଅଧିକ ବିବରଣୀ ପାଇ: https:// olympiads.hbcse.tifr.res.in

https://www.iapt.org.in

cbc-48143/11/0005/2627


# ବାଗ୍ରାରେ ନିର୍ମାଣ ହେଲା ନୂତନ ଚେକ୍ ଡ୍ୟାମ୍

ଜୟପୁର,୨୧/୮(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣୀପୁଟ ପଚାଂୟତର ବାଗ୍ରା ଗ୍ରାମରେ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ନୂତନ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ସ୍ଥାନୀୟ ଅଚଂଳରେ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ସହ ଚାଷକାର୍ଯ୍ୟ ପାଇଁ ସୁବିଧାରେ ଜଳ ଯୋଗାଇଦେବା ଲକ୍ଷ୍ୟରେ ପଚାଂୟତ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଆର୍ଥିକ ବର୍ଷ ୨୦୨୫-୨୬ ଅନ୍ତର୍ଗତ ମୋଟ ୯.୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହି ଚେକ୍ ଡ୍ୟାମ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ନୂତନ ଜଳସେଚନ ପ୍ରକଳ୍ପ ଦ୍ୱାରା ବାଗ୍ରା ଗ୍ରାମର ପ୍ରାୟ ୩୦ ଏକର କୃଷି ଜମି ସିଧାସଳଖ ଜଳସେଚିତ ହୋଇପାରିବ। ପୂର୍ବରୁ ସ୍ଥାନୀୟ ଚାଷୀମାନେ ଜଳାଭାବ ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବେ ଏହି ଚେକ୍ ଡ୍ୟାମ୍ ନିର୍ମାଣ ହେବା ଫଳରେ



ସେମାନଙ୍କ ବହୁଦିନର ସମସ୍ୟା ଦୂର ହୋଇଛି। ବାରିଣୀପୁଟ ପଚାଂୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ଚରଣ ଦଣ୍ଡସେନା ପ୍ରତିକ୍ରିୟା ଦେଇ କହିଛନ୍ତି ଏହି ନିୟମିତ ଜଳସେଚନ ସୁବିଧା ମିଳିବା ଦ୍ୱାରା କେବଳ ଖରିଫ୍ ଋତୁରେ ନୁହେଁ, ବରଂ ରବି ଋତୁରେ ମଧ୍ୟ ଚାଷୀମାନେ ବିଭିନ୍ନ ଫସଲ ଓ ପନିପରିବା ଚାଷ କରିବାକୁ ଉତ୍ସାହିତ ହୋଇଛନ୍ତି। ଏହାଦ୍ୱାରା ସ୍ଥାନୀୟ କୃଷକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଅଚଂଳର କୃଷି କ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ ପାଇଛି।

# ୩ ସ୍କୁଲ ଛାତ୍ରୀଙ୍କୁ ନିଶା ଚକଲେଟ୍ ଖୁଆଇ ଅପହରଣ ଉଦ୍ୟମ ପଣ୍ଡ



ରାଇରଙ୍ଗପୁର/ବହଳଦା,୨୧/୮(ନି/ପ୍ର): ମୟୂରଭଞ୍ଜଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବୁରୁପଳସା ସ୍କୁଲ ପରିସରରୁ ତିନି ଜଣ ସ୍କୁଲ ଛାତ୍ରୀଙ୍କୁ ନିଶା ଚକଲେଟ୍ ଦେଇ ଅପହରଣ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ପାଖରେ ଛାତ୍ରୀମାନେ ଖେଳୁଥିବା ସମୟରେ ଏକ ସ୍କୁଟିରେ ତିନି ଜଣ ଦୁର୍ବୃର୍ତ୍ତ ତାଙ୍କ ପାଖକୁ ପହଚିଂଥିଲେ। ତିନିଜଣ ଦୁର୍ବୃତ୍ତ ବଳପୂର୍ବକ ତିନି ଜଣ ଛାତ୍ରୀଙ୍କୁ ନିଶା ଯୁକ୍ତ ଚକଲେଟ୍ ଖୁଆଇବାକୁ ଚେଷ୍ଟା କରିଥିଲେ। ଛାତ୍ରୀମାନେ ଖାଇବାକୁ ମନା କରିବାରୁ ଦୁର୍ବୃତମାନେ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଫଳରେ ଛାତ୍ରୀମାନେ ଚକଲେଟ୍ ଖାଇବା ପରେ ଅଚେତ ହୋଇ ଯାଇଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଗ୍ରାମବାସୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ସେମାନଙ୍କୁ ତୁରନ୍ତ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି । ତିରିଂ ଥାନା ପୁଲିସ ଖବର ପାଇ ମେଡିକାଲ ପହଚିଂ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଦୁର୍ବୃତମାନଙ୍କୁ ଧରିବା ପାଇଁ ଛାନଭିନ୍ ଚଳାଇଛି ।ସେ ସମ୍ବନ୍ଧରେ ବିଇଓ ଶୁଭଶ୍ରୀ ସିଂହଙ୍କ ସହିତ ଯୋଗାଯୋଗ କରିବାରୁ ସ୍କୁଲ ପରିସରରୁ ନୁହେଁ ସ୍କୁଲ ବାହାରେ ତାଙ୍କୁ ନିଶା ଚକଲେଟ ଦିଆଯାଇଥିଲା ବୋଲି କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ସ୍କୁଲ ପରିସରରେ ତାଙ୍କୁ ନିଶା ଚକଲେଟ୍ ଖୁଆଇ ଦିଆଯାଇଥିଲା। ସ୍କୁଲ ପରିସରରୁ ଅଚେତ ଅବସ୍ଥାରେ ୩ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଶିକ୍ଷା ବିଭାଗ ଉକ୍ତ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛି। ଗୁରୁତର ଛାତ୍ରୀମାନେ ହେଲେ ପଂଚମ ଶ୍ରେଣୀର ଛାତ୍ରୀ ବାସନ୍ତୀ ମାରାଣ୍ଡି ଓ ସୁଗି ମୁର୍ମୁ ଏବଂ ପ୍ରଥମ ଶ୍ରେଣୀର ଛାତ୍ରୀ ପାର୍ବତୀ ହେମ୍ବ୍ରମ୍। ଉକ୍ତ ଘଟଣାକୁ ନେଇ ଅଚଂଳରେ କକୁଆ ଭୟ ଖେଳିଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ସୂଚନା ମିଳିଛି।

# ବିବିଧା

## 'ଅପରେସନ୍ ସଫେଦ ସାଗର'ରେ ପ୍ରାଜକ୍ତାଙ୍କ କମାଲ



[illegible]

## ଅଜବ ପରମ୍ପରା — ଶବକୁ ଜଳାଯାଏ ୧୦୮ ଖଣ୍ଡ



[illegible]

## ଡିଭୋର୍ସ ଫାଇଲ ଉଠାଇବାକୁ କୋର୍ଟ ଗଲେ ଗୋବିନ୍ଦାଙ୍କ ସ୍ତ୍ରୀ



[illegible]

## ଲେମ୍ବୁ ସହ ପିଉଛନ୍ତି କି ବ୍ଲାକ୍ କଫି, ତେବେ ଜାଣନ୍ତୁ...

[illegible]

## ଏକତାଙ୍କ ସରପ୍ରାଇଜ୍



[illegible] #WaitForIt [illegible]



ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୨୨ ଅଗଷ୍ଟ ୨୦୨୬**

# ଛଳନାର ବିବର୍ତନ

**ଗୌରଚନ୍ଦ୍ର ତ୍ରିପାଠୀ**

ପଚଂବଟୀର ଘନ ଜଙ୍ଗଲ । ବନବାସରେ ପ୍ରଭୁ ଶ୍ରୀରାମ । ରାବଣ ସାଧୁ ବେଶରେ ସୀତାଙ୍କ କୁଟୀର ପାଖକୁ ଆସି କହିଲା : "ମାତା, କ୍ଲାନ୍ତ ଓ ଭୋକିଲା ଏହି ସନ୍ନ୍ୟାସୀକୁ କିଛି ଭିକ୍ଷାଦାନ କରନ୍ତୁ ।" ସୀତା ଉତ୍ତର ଦେଲେ : "ହେ ମହାତ୍ମା, ଅବଶ୍ୟ ଦେବି, ଦୟାକରି ନିକଟକୁ ଆସନ୍ତୁ ।" ରାବଣ ଲକ୍ଷ୍ମଣ ରେଖା ବାହାରେ ଅଟକି ଯାଇ କହିଲା, "ମୁଁ ଏହି ପବିତ୍ର ସୀମା ଡେଇଁ ପାରିବି ନାହିଁ, ମାତା । ତେଣୁ ନିଜେ ହିଁ ଆସନ୍ତୁ ।" ଛଦ୍ମବେଶକୁ ବିଶ୍ୱାସ କରି ସୀତା ରେଖା ଡେଇଁବା ମାତ୍ରେ, ରାବଣ ନିଜର ପ୍ରକୃତ ରୂପ ପ୍ରକାଶ କରି ସୀତାଙ୍କୁ ଜବରଦସ୍ତି ଉଠାଇ ନେଲା । ସୀତାଙ୍କୁ ଅପହରଣ କରିବାରେ ରାବଣ ଶକ୍ତିକୁ ନୁହେଁ, ଛଳନାକୁ ହିଁ ମୁଖ୍ୟ ଅସ୍ତ୍ର କରିଥିଲା । ଛଳନା ଆଜି ଆମ ଦୈନନ୍ଦିନ ଜୀବନର ଏକ କଠୋର ବାସ୍ତବତା ପାଲଟିଛି । ତଥ୍ୟ ଗୋପନ କରିବା ହେଉ କିମ୍ବା ମିଥ୍ୟାର ଆଶ୍ରୟ ହେଉ, ଏହାର ଉଦ୍ଦେଶ୍ୟ ଗୋଟିଏ- ଇଚ୍ଛାକୃତ ଭାବେ ଭ୍ରମ ସୃଷ୍ଟି କରିବା । ବହୁ ପୂର୍ବରୁ ସେଂଟ ଅଗଷ୍ଟିନ୍ ଲକ୍ଷ୍ୟ କରିଥିଲେ ଯେ ଛଳନା କେବଳ କଥାରେ ନଥାଏ, କାର୍ଯ୍ୟ ଓ ନିରବତାରେ ମଧ୍ୟ ରହିଥାଏ । ବିବର୍ତନବାଦ ଦୃଷ୍ଟିକୋଣରୁ ଦେଖିଲେ, ଛଳନା ବଚଂିବାର ଏକ କୌଶଳ ଭାବେ ବିକଶିତ ହୋଇଥିଲା- ଦେହସୁଖ ପାଇଁ ସାଥୀଟେ ପାଇବା, ବିପଦରୁ ବଚଂିବା ଓ ସାମାଜିକ ସୁବିଧା ହାସଲ କରିବା ପାଇଁ । ଛଳନାର ପ୍ରମୁଖ ରୂପ ହେଉଛି ମିଥ୍ୟା । ମିଥ୍ୟା କହିବା ସ୍ୱଭାବ ପିଲାଦିନେ, ଦୁଇ ତିନି ବର୍ଷ ବୟସରୁ ହିଁ ଆରମ୍ଭ ହୋଇଥାଏ । କିଛି ଗବେଷଣାରେ ବୟସ୍କମାନଙ୍କ ତୁଳନାରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ହାର ଅଧିକ ଥିବା ଜଣାପଡ଼ିଛି । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମିଥ୍ୟା କହିବାର ଅନେକ କାରଣ ରହିଛି । ଏହା ସ୍ୱଭାବ, ଆତ୍ମସ୍ୱାର୍ଥ, ଅହଂକାର, ଦଣ୍ଡର ଭୟ କିମ୍ବା କଳ୍ପନାରୁ ଜନ୍ମ ହୋଇପାରେ । ପିଲାମାନେ ଦୋଷରୁ ରକ୍ଷା ପାଇବା ପାଇଁ ମିଥ୍ୟା କୁହନ୍ତି; ବୟସ୍କମାନେ ନିଜର ଦୁର୍ବଳ ଆତ୍ମସମ୍ମାନକୁ ରକ୍ଷା କରିବା ପାଇଁ କିମ୍ବା ନିଜର ଏକ ଆଦର୍ଶ ଛବି ସୃଷ୍ଟି କରିବା ପାଇଁ ସଫଳତାର ମନଗଢ଼ା କାହାଣୀ ଉପସ୍ଥାପନ କରନ୍ତି । କିନ୍ତୁ ସବୁଠାରୁ ଆତ୍ମଘାତୀ ଆଚରଣ ହେଉଛି ଆତ୍ମ-ପ୍ରତାରଣା, ଯେଉଁଠି ଅନ୍ୟକୁ ଠକିବାକୁ ଯାଇ ଆମେ ଅନେକ ସମୟରେ ନିଜକୁ ହିଁ ଠକି ବସୁ । ପେଟରେ ବିଷ ରଖି ଭଲେଇ ହେବାର ଛଳନା ପାରିବାରିକ ଓ ସାମାଜିକ ସମ୍ପର୍କରେ ଫାଟ ସୃଷ୍ଟିର ମୁଖ୍ୟ କାରଣ । ମିଥ୍ୟା-ଅପରାଧବୋଧ ଏବଂ ଧରାପଡ଼ିବାର ଏକ ଦୀର୍ଘସ୍ଥାୟୀ ଭୟ ସୃଷ୍ଟି କରେ । ଏହି ଗଭୀର ମାନସିକ ଚାପ ବ୍ୟକ୍ତିଗତ ଜୀବନର ଶାନ୍ତିକୁ ନଷ୍ଟ କରିବା ସହ ଅନ୍ୟ ଉପରେ ବିଶ୍ୱାସ ଓ ଭରସା ରଖିବା ମାନସିକତାକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରେ । ବ୍ୟକ୍ତିଗତ ଜୀବନରେ ମିଥ୍ୟା ଗୋଟିଏ ସମ୍ପର୍କକୁ ଭାଙ୍ଗିପାରେ କିନ୍ତୁ ସାର୍ବଜନୀନ ଜୀବନରେ ଏହା ହଜାର ହଜାର ଲୋକଙ୍କ ମତ, ବିଶ୍ୱାସ ଓ ନିଷ୍ପତ୍ତିକୁ ପ୍ରଭାବିତ କରେ । କିନ୍ତୁ ସବୁ ମିଥ୍ୟା ମନ୍ଦ ନୁହେଁ । 'ପ୍ରୋସୋସିଆଲ୍ ଲାଇଜ୍' ବା ସାମାଜିକ ହିତକର ମିଥ୍ୟା, ଅନ୍ୟର ଭାବନାକୁ ଆଘାତରୁ ରକ୍ଷା କରିବା କିମ୍ବା ସାମାଜିକ ସଦ୍ଭାବ ବଜାୟ ରଖିବା ପାଇଁ କୁହାଯାଇଥାଏ । କିନ୍ତୁ 'ଆ[ସୋସିଆଲ୍ ଲାଇଜ୍' ବା ଅସାମାଜିକ ମିଥ୍ୟା, ପ୍ରାୟତଃ କ୍ଷତିକାରକ ହୋଇଥାଏ । ତେଣୁ ପ୍ରଶ୍ନ କେବଳ ମିଛ କୁହାଗଲା କି ନାହିଁ, ତାହା ନୁହେଁ; ପ୍ରଶ୍ନ ହେଉଛି- କାହିଁକି କୁହାଗଲା, କାହାର ହିତ ପାଇଁ କୁହାଗଲା ଏବଂ ତାହାର ପରିଣାମ କ'ଣ ହେଲା ? ଆମ ଭାରତୀୟ ସାଂସ୍କୃତିକ ଚେତନା ସହ ଛଳନା ଗଭୀର ଭାବେ ଜଡ଼ିତ । ମହାଭାରତର ଶକୁନିର କପଟ ପଶାଖେଳ, ବାଳୁତ କୃଷ୍ଣଙ୍କୁ ମାରିବା ପାଇଁ କଂସର କ୍ରମାଗତ ପ୍ରୟାସ ଏବଂ ଇନ୍ଦ୍ରଙ୍କ ଛଳନାର ଶିକାର ଅହଲ୍ୟାଙ୍କ କାହାଣୀ ଏହାର ଉଦାହରଣ । ଗ୍ରୀକ୍ ପୁରାଣର 'ଟ୍ରୋଜାନ୍ ହର୍ସ'ଠାରୁ ଆଧୁନିକ ଇତିହାସର ନାଜି ପ୍ରଚାର, ରାଷ୍ଟ୍ରମୁଖ୍ୟମାନଙ୍କ ପ୍ରତାରଣା, ଗୁପ୍ତଚର ବୃତ୍ତି ଓ ଭୂ-ରାଜନୈତିକ ଷଡ଼ ?ଯନ୍ତ୍ରର ଛଳନା ମାନବ ସଭ୍ୟତାର ଦୀର୍ଘ ଇତିହାସର କିଛି ଅନ୍ଧକାର ଅଧ୍ୟାୟ । ସମସାମୟିକ ଜୀବନରେ ମିଥ୍ୟା ରାଜନୈତିକ ପ୍ରତିଶ୍ରୁତି, ବିଭ୍ରାନ୍ତିକର ବିଜ୍ଞାପନ, ବିକୃତ ପରିସଂଖ୍ୟାନ, ମିଥ୍ୟା ଖବର, ଆର୍ଥିକ ଦୁର୍ନୀତି ଓ ସାଇବର ଅପରାଧ ଭଳି ଛଳନା କିଭଳି ବ୍ୟକ୍ତି ଓ ଅନୁଷ୍ଠାନକୁ କ୍ଷତି ପହଚାଂଇପାରେ, ତା'ର ପ୍ରମାଣ ଦିଏ । ପ୍ରଯୁକ୍ତିବିଦ୍ୟା ଛଳନାକୁ ଆହୁରି ଦ୍ରୁତ ଓ ଅଧିକ ବିଶ୍ୱାସଯୋଗ୍ୟ କରିଛି । କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସ୍ୱର କ୍ଲୋନିଂ, ବାସ୍ତବଧର୍ମୀ ଚିତ୍ର ଓ ଡିପ୍ ?-ଫେକ୍ ଭିଡିଓ ତିଆରିର ପ୍ରଯୁକ୍ତି ଛଳନାକୁ ବିନାଶକାରୀ ଶକ୍ତି ପ୍ରଦାନ କରିଛି । ଆମେ ଏମିତି ଏକ ଡିଜିଟାଲ୍ ଯୁଗରେ ପହଚଂିଛୁ, ଯେଉଁଠି ଦେଖିବା ମାନେ ସତ୍ୟ ଦେଖିବା ନୁହେଁ, ଶୁଣିବା ମାନେ ସତ୍ୟ ଶୁଣିବା ନୁହେଁ । କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ୍ କପଟାଚାରର ଏହି ଯୁଗରେ, ମାନବଜାତିର ସବୁଠୁ ବଡ଼ ସୁରକ୍ଷା କବଚ ହେଉଛି ବିବେକବୋଧ । ସତ୍ୟର ଗତି ହୁଏତ ଧୀର ହୋଇପାରେ, କିନ୍ତୁ ଛଳନା ପରି ଏହା କେବେ ବି ନିଜ ଗନ୍ତବ୍ୟ ପଥରୁ ବିଚ୍ୟୁତ ହୁଏ ନାହିଁ । ତେଣୁ ଆମେ ସୁବିଧା ଅପେକ୍ଷା ସତ୍ୟକୁ, ତତ୍କାଳୀନ ଲାଭ ଅପେକ୍ଷା ସାଧୁତାକୁ ଏବଂ ଚତୁରତା ଅପେକ୍ଷା ଚରିତ୍ରକୁ ବାଛିବା ଉଚିତ । ଆଜିର ଛଳନାମୟ ଓ ବସ୍ତୁବାଦୀ ଦୁନିଆରେ 'ସତ୍ୟମେବ ଜୟତେ'ର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି । ତେଣୁ ଆସନ୍ତୁ, ବିବେକ କ'ଣ କହୁଛି ଶୁଣିବା ଏବଂ ସତ୍ୟକୁ ହିଁ ଆପଣେଇବା, ଛଳନାକୁ ନୁହେଁ ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ସାକ୍ଷରତା କ୍ଲବ୍ କାର୍ଯ୍ୟକ୍ରମ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ସାକ୍ଷରତା କ୍ଲବ୍ ପାର୍ଟିସିପାସନ ଅଧୀନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ କର୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଦାୟିତ୍ୱବାନ ଓ ସକ୍ରିୟ ଗଣତାନ୍ତ୍ରିକ ନାଗରିକ ଭାବେ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ‌କ୍ଷ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମତଦାତା ଭାବେ ପଞ୍ଜୀକରଣ ପ୍ରକ୍ରିୟା, ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ନୈତିକ ମତଦାନ, ପ୍ରାର୍ଥୀଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ଜାଣି ସଚେତନ ନିଷ୍ପତି ନେବା ଏବଂ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଆଲୋଚନା, ପ୍ରଶ୍ନୋତ୍ତର, ମତଦାତା ଶପଥ ଆଦି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକଳାପ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଗଣତନ୍ତ୍ରରେ ଭୋଟର ଗୁରୁତ୍ୱ ଓ ମତଦାତାଙ୍କ ଭୂମିକା ସମ୍ପର୍କରେ ଅବଗତ ହୋଇଥିଲେ ।

# ପଲ୍ଲୀକବି : କିଏ ସାତ ତ କିଏ ସତର !

**ଅସିତ ମହାନ୍ତି**

ଆଉ ପ୍ରାୟ ଏଗାର ମାସ ପରେ ଆମେ ନନ୍ଦକିଶୋର ବଳଙ୍କର ମୃତ୍ୟୁ-ଶତବାର୍ଷିକୀ ବର୍ଷରେ ପଦାର୍ପଣ କରିବା । କାରଣ, ୧ ଜୁଲାଇ, ୧୯୨୮ରେ ତାଙ୍କର ବିୟୋଗ ଘଟିଥିଲା । ନନ୍ଦକିଶୋର ବଳ ଓଡ଼ିଶାରେ 'ପଲ୍ଲୀକବି' ଭାବରେ ପ୍ରଖ୍ୟାତ । 'ପଲ୍ଲୀକବି' କହିଲେ, ଅବିସମ୍ବାଦିତ ଭାବରେ ଓଡ଼ିଶାରେ ସେହି ଜଣଙ୍କୁ ହିଁ ବୁଝାଏ । ମାତ୍ର ଏଇ ପ୍ରାୟ ଶହେ ବର୍ଷ ଭିତରେ ତାଙ୍କର 'ପଲ୍ଲୀକବି' ଆଖ୍ୟାକୁ ନେଇ ଯେଉଁ ଆହ୍ୱାନ ସୃଷ୍ଟି ହୋଇ ନ ଥିଲା, ଏବେ ସେହି ଆହ୍ୱାନ ସୃଷ୍ଟି ହୋଇଛି । ଏ ଆହ୍ୱାନ ସୃଷ୍ଟି ହୋଇଛି ଓଡ଼ିଶା ସାହିତ୍ୟ ଏକାଡେମୀର ଏକ ପୁସ୍ତକକୁ ନେଇ । ପୁସ୍ତକଟିର ନାଆଁ 'ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା' । ଏହାର ଲେଖକ ଡକ୍ଟର ମନ୍ମଥ କୁମାର ପ୍ରଧାନ । ଏ ପୁସ୍ତକ ୨୦୧୭ରେ ପ୍ରକାଶ ପାଇଥିଲେ ମଧ୍ୟ, ବିଳମ୍ବରେ ଏହି ଚର୍ଚ୍ଚାର ସୂତ୍ରପାତ ହୋଇଛି । ନନ୍ଦକିଶୋର ବଳଙ୍କର ଜନ୍ମ ୧୮୭୫ ମସିହା ଡିସେମ୍ବର ମାସ ୨୨ ତାରିଖରେ । ସେ ଥିଲେ ଜଣେ କୃତୀ ଛାତ୍ର । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାଲାଭ ପରେ ସେ ଆସି ପଢ଼ିଥିଲେ କଟକର ଟାଉନ୍ ସ୍କୁଲ୍ ଓ ରେଭେନ୍ସା କଲେଜରେ । ସ୍କୁଲ୍ ଜୀବନରେ ତାଙ୍କର ଅନ୍ୟତମ ଶିକ୍ଷକ ଥିଲେ ମଧୁସୂଦନ ରାଓ । ବି. ଏ. ପାସ୍ ପରେ ସେ ଶିକ୍ଷକତା କରିଥିଲେ ଏବଂ ପରେ ସ୍କୁଲ୍ ଇନ୍ସ୍ପେକ୍ଟର ଭାବରେ ତାଙ୍କର ଶେଷ ଚାକିରି ଜୀବନ ବିତିଥିଲା । ୧୯୨୦ରେ ସେ ପୁରୀଜିଲ୍ଲା ସମୂହର ଇନ୍ସ୍ପେକ୍ଟର ହୋଇଥିଲେ । କର୍ତବ୍ୟନିଷ୍ଠା ଯୋଗୁଁ ସେ ୧୯୨୪ରେ 'ରାୟସାହେବ' ଉପାଧି ମଧ୍ୟ ଲାଭ କରିଥିଲେ । କିନ୍ତୁ 'ରାୟସାହେବ' ଉପାଧି ଅପେକ୍ଷା 'ପଲ୍ଲୀକବି' ଆଖ୍ୟାରେ ହିଁ ସେ ଓଡ଼ିଶାରେ ଅଧିକ ପରିଚିତ ଓ ପ୍ରସିଦ୍ଧ ହେଲେ । କାରଣ, ସରକାରୀ ପଦପଦବି ଅପେକ୍ଷା ତାଙ୍କର ସାହିତ୍ୟିକ ପ୍ରତିଭାକୁ ଓଡ଼ିଶାବାସୀ ଅଧିକ ମହତ୍ତ୍ୱ ଦେଇଥିଲେ । ତାଙ୍କ ସଂପର୍କରେ 'ସମ୍ବାଦ-ଆମ ଓଡ଼ିଶା ସାହିତ୍ୟକୋଷ'ରେ ବିଶିଷ୍ଟ ସମାଲୋଚକ ଦାଶରଥି ଦାସ ଲେଖିଛନ୍ତି, "ସେ ସମସାମୟିକ ସବୁ ପ୍ରଖ୍ୟାତ ସାହିତ୍ୟିକଙ୍କ ସହିତ ସଦ୍ଭାବ ଓ ସହଯୋଗ ରକ୍ଷା କରିପାରିଥିଲେ; ରାଧାନାଥ ରାୟଙ୍କଠାରୁ ବିଶ୍ୱନାଥ କରଙ୍କ ପର୍ଯ୍ୟନ୍ତ, ଫକୀରମୋହନଙ୍କଠାରୁ ଗଙ୍ଗାଧର ମେହେରଙ୍କ ପର୍ଯ୍ୟନ୍ତ, ନୀଳକଣ୍ଠଙ୍କଠାରୁ କୁନ୍ତଳାକୁମାରୀଙ୍କ ପର୍ଯ୍ୟନ୍ତ । ତାଙ୍କର ଦେହାନ୍ତ ଘଟେ ୧୯୨୮ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୧ ତାରିଖରେ । ଯଶୋଦେହେ କିନ୍ତୁ ସେ ଜୀବିତ ଅଛନ୍ତି ଓ ରହିବେ ।" ନନ୍ଦକିଶୋର ବଳ ଥିଲେ ଏକ ନୂଆ କବିତା-ଐତିହ୍ୟର ପ୍ରବର୍ତକ । ସେ ସଂପର୍କରେ ଶ୍ରୀ ଦାସ ଲେଖିଛନ୍ତି, "ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ସଦ୍ୟୋଜାତ ଆଧୁନିକ ଓଡ଼ିଆ କବିତା ବିକାଶର ଦୁଇଟି ପର୍ଯ୍ୟାୟ ଲକ୍ଷ୍ୟ କରାଯାଏ । ପ୍ରଥମ ପର୍ଯ୍ୟାୟର କାଳସୀମା ୧୮୭୧ରୁ ୧୮୯୫ । ଆଧୁନିକ କବିତାର ପ୍ରାଣପ୍ରତିଷ୍ଠାତା ପିତୃପୁରୁଷ ରାଧାନାଥ ଓ ମଧୁସୂଦନ । ଏହି ସମୟରେ ଆଧୁନିକ କବିତାର ଦିଗ ଓ ବାଗ, ଭାଷା ଓ ଛନ୍ଦ, ଶୈ ?ଳ୍ପିକ ରୂପ ଓ ରୀତି ନିର୍ଦ୍ଦିଷ୍ଟ ଆଦର୍ଶ ଖୋଜି ପାଏ ଏବଂ ପରବର୍ତୀ କବିଙ୍କ ପାଇଁ ଭୂମି ଓ ଭୂମିକା ପ୍ରସ୍ତୁତ କରେ । ଦ୍ୱିତୀୟ ପର୍ଯ୍ୟାୟର କାଳସୀମା ୧୮୯୬ରୁ ୧୯୨୦ । ପ୍ରଥମ ପର୍ଯ୍ୟାୟରେ କାବ୍ୟାଦର୍ଶ ଓ ଭାବାଦର୍ଶ ବଦଳିଛି... ପାଶ୍ଚାତ୍ୟ ବିଷୟବସ୍ତୁ ପରିବର୍ତେ ଭାରତୀୟ ଓ ଉତ୍କଳୀୟ ଉପାଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ...କାବ୍ୟକବିତା କ୍ଷେତ୍ରରେ ଏହି ନୂଆ ରୂପରୀତିର ନୂଆ ଐତିହ୍ୟ ନିର୍ମାଣ କ୍ଷେତ୍ରରେ ଯେଉଁମାନେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି, ତନ୍ମଧ୍ୟରେ ଅଛନ୍ତି ଫକୀରମୋହନ, ଗଙ୍ଗାଧର ଓ ନନ୍ଦକିଶୋର ବଳ ପ୍ରମୁଖ ମହାନ୍ ?ସାହିତ୍ୟିକଗଣ । କବି ଗଙ୍ଗାଧର ଓ ନନ୍ଦକିଶୋର ରାଧାନାଥ-ପ୍ରଭାବିତ କବିସମାଜର ସଦସ୍ୟ ନିଶ୍ଚୟ । କିନ୍ତୁ ରାଧାନାଥଙ୍କ କାବ୍ୟାଦର୍ଶ ଓ ଭାବାଦର୍ଶ ବିରୋଧରେ ତାଙ୍କର ପ୍ରତିବାଦ କିଛି କମ୍ ନୁହେଁ । ବରଂ ରାଧାନାଥଙ୍କ କାବ୍ୟାଦର୍ଶ ଓ ଭାବାଦର୍ଶର ଐତିହ୍ୟ ଉତ୍ତରାଧିକାର ଛାଡ଼ି, ନନ୍ଦିକିଶୋର ଏକ ନୂଆ କବିତା-ଐତିହ୍ୟର ପ୍ରବର୍ତକ ହୋଇ ଉଠିଥିଲେ ।" ଏହାର ଗୋଟିଏ ପୃଷ୍ଠଭୂମି ଅଛି । ସେହି ପୃଷ୍ଠଭୂମିଟି ନନ୍ଦକିଶୋରଙ୍କ କବିତାରେ ପଲ୍ଲୀପ୍ରାଣତାର ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ । ତାହା ହେଉଛି- ସେ କଲେଜର ଛାତ୍ର ଥିବାବେଳେ 'ତାଳଚେର ପଦକ' ପାଇଁ ଏକ ଇଂରେଜୀ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହି ପ୍ରତିଯୋଗିତାର ବିଷୟ ଥିଲା- ଉତ୍କଳର ପଲ୍ଲୀଜୀବନ । ସେ ସେହି ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିଥିଲେ । ତାହା ତାଙ୍କୁ ଏପରି ପ୍ରେରଣା ଦେଇଥିଲା ଯେ ସେ ସେହି ସମୟରୁ ପଲ୍ଲୀଜୀବନ ଆଧାରିତ କବିତା ରଚନା ଆରମ୍ଭ କଲେ । ଏ ସଂପର୍କରେ ଶ୍ରୀ ଦାସ ଆହୁରି ମଧ୍ୟ ଲେଖିଛନ୍ତି- ନନ୍ଦକିଶୋର "ପଲ୍ଲୀଜୀବନ ଆଧାରିତ କବିତାଲେଖା ଆରମ୍ଭ କରନ୍ତି ୧୮୯୮ରେ, ଓଡ଼ିଆରେ । ପ୍ରକାଶ ପାଏ 'ଉତ୍କଳ ସାହିତ୍ୟ'ରେ ସାଇ ମଧ୍ୟେ, ଗ୍ରାମ ଚାଟଶାଳୀ, ଗ୍ରାମ ଖଳା, ଗ୍ରାମ ତୋଟା, ଗ୍ରାମ ଶ୍ମଶାନ ଆଦି କବିତା କାଳକ୍ରମେ । ଓଡ଼ିଶାରେ ପଲ୍ଲୀଜୀବନଧାରା ଓ ପଲ୍ଲୀ ପ୍ରକୃତିଶ୍ରୀ କାବ୍ୟକୌଳିନ୍ୟ ଲାଭ କରେ । ସରସ ପଲ୍ଲୀଭାଷା ଓ ସମ୍ବେଦନଶୀଳ ପଲ୍ଲୀପ୍ରାଣର ଆବେଗସ୍ପନ୍ଦନ ଓଡ଼ିଆ କବିତାକୁ ନୂଆ ଏକ ଦିଗ୍‌ଦର୍ଶନ ଦିଏ । ସାଙ୍ଗେ ସାଙ୍ଗେ ନନ୍ଦକିଶୋର ପଲ୍ଲୀକବି ଭାବରେ ପ୍ରଶଂସା ପାଇଯାଆନ୍ତି ପ୍ରଚୁର ।" ନନ୍ଦକିଶୋର କିପରି ହେଲେ ପଲ୍ଲୀକବି, ଏହା ହେଉଛି ତାହାର ଯାତ୍ରାପଥ । ସମକାଳରେ ଓ ପରବର୍ତୀ କାଳରେ ଆହୁରି ଅନେକ କବି ପଲ୍ଲୀଜୀବନଧାରା ଓ ପଲ୍ଲୀପ୍ରକୃତିଶ୍ରୀକୁ ନେଇ କାବ୍ୟ ରଚନା କରିଛନ୍ତି । ମାତ୍ର ତାହା ସତ୍ତ୍ୱେ, ବିଗତ ପ୍ରାୟ ୧୩୦ ବର୍ଷ ମଧ୍ୟରେ, ଓଡ଼ିଆ ସାହିତ୍ୟ ପରିସରରେ କେବଳ ନନ୍ଦକିଶୋର ବଳ ହିଁ ପଲ୍ଲୀକବି ଭାବରେ ଆଖ୍ୟାୟିତ ହୋଇ ଆସିଛନ୍ତି । ବସ୍ତୁତଃ ନନ୍ଦକିଶୋର ବଳଙ୍କର ନାମାନ୍ତର ହିଁ ହୋଇଯାଇଛି 'ପଲ୍ଲୀକବି' । ଏହାସତ୍ତ୍ୱେ, ଆଶ୍ଚର୍ଯ୍ୟଜନକ ଯେ ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୧୭ ମସିହାରେ 'ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା' ଶୀର୍ଷକରେ ଏକ ପୁସ୍ତକ ପ୍ରକାଶ କରିଛନ୍ତି । ତାହାକୁ ନେଇ ହିଁ ଏବେ ଉଠିଛି ପ୍ରଶ୍ନର ଝଡ଼- "ଓଡ଼ିଶାର ପଲ୍ଲୀକବି କିଏ ?" ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ ପରବର୍ତୀ କାଳରେ କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିଛନ୍ତି 'ପଲ୍ଲୀଶ୍ରୀ' । ସେହିପରି କବି ବିଦ୍ୟୁତ୍‌ପ୍ରଭା ଦେବୀ ଲେଖିଛନ୍ତି ଅଜସ୍ର ପଲ୍ଲୀକବିତା । ଆହୁରି ଅନେକଙ୍କର ନାମ ମଧ୍ୟ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ । ମାତ୍ର ଏମାନଙ୍କ ମଧ୍ୟରୁ କାହାରିକୁ 'ପଲ୍ଲୀକବି' ଭାବରେ ଓଡ଼ିଆ ସାହିତ୍ୟର କାବ୍ୟରସିକ ବା କାବ୍ୟାଲୋଚକମାନେ ଅଭିହିତ କରିନାହାନ୍ତି । ଏହାସତ୍ତ୍ୱେ, ୧୯୧୫ ମସିହାରେ ଜନ୍ମିତ କୃଷ୍ଣପ୍ରସାଦ ବେହେରାଙ୍କୁ 'ପଲ୍ଲୀକବି' ଭାବରେ ଅଭିହିତ କରିବା ନିଶ୍ଚିତ ଭାବରେ ସଂପୃକ୍ତ ଆଲୋଚକ ଏବଂ ସର୍ବୋପରି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷେ ଅସୌଜନ୍ୟ । କିନ୍ତୁ ଏ ସଂପର୍କରେ ଆଉ ଏକ ସାଂଘାତିକ ତଥ୍ୟ ହେଉଛି- ଏହି ନାଁରେ (ପଲ୍ଲୀକବି କୃଷ୍ଣପ୍ରସାଦ) ଓ ଏହି ବିଷୟରେ ସେହି ବହିଟି କଟକର ଏକ ଘରୋଇ ପ୍ରକାଶନ ସଂସ୍ଥା (ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ) ପକ୍ଷରୁ ୨୦୦୦ ମସିହାରେ ପ୍ରକାଶ ପାଇଥିଲା । 'ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା' ପୁସ୍ତକର ପୃ-୩୧ରେ ତାଙ୍କ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ କେତେକ ଆଲୋଚକଙ୍କର ଉଦ୍ଧୃତି ଦିଆଯାଇଛି । ଡକ୍ଟର ମହତାବ ଲେଖିଛନ୍ତି, "କୃଷ୍ଣପ୍ରସାଦ ଜଣେ ପଲ୍ଲୀକବି ରୂପେ ପରିଚିତ ।" ଆଉ ଜଣେ ନନ୍ଦକିଶୋର ଦାସ ଲେଖିଛନ୍ତି, "ସେ ଜଣେ ନାଟ୍ୟକାର ଓ ପଲ୍ଲୀର କବି ଭାବେ" ଜନମାନସରେ ରହିଛନ୍ତି । ଆଉ ଜଣେ ସୁନ୍ଦର ମୋହନ ଦାସ କହିଛନ୍ତି, "ପଲ୍ଲୀକବି ଭାବରେ ସେ ବଣମାଳତୀ ପରି ଅକାଳରେ ଝଡ଼ି ପଡ଼ିଲେ ।" ମାତ୍ର ଏମାନେ କେହି କୃଷ୍ଣପ୍ରସାଦଙ୍କ ନାମ ପଛରେ 'ପଲ୍ଲୀକବି' ଆଖ୍ୟା ବା ଉପାଧି ଯୋଡ଼ି ନାହାନ୍ତି । ଏପରି ସ୍ଥଳେ ତାଙ୍କୁ 'ପଲ୍ଲୀକବି' ଆଖ୍ୟାରେ ପୁସ୍ତକର ଶୀର୍ଷକରେ ଆଖ୍ୟାୟିତ କରିବା, ସଂପୃକ୍ତ ଆଲୋଚକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରେ ଅସମୀଚୀନ । ଏ ପ୍ରସଙ୍ଗରେ ଆଉ ଗୋଟିଏ କଥା ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି- ଏହି ଓଡ଼ିଶା ସାହିତ୍ୟ ଏକାଡେମୀ ହିଁ ୨୦୦୭ ମସିହାରେ ଆଉ ଗୋଟିଏ ପୁସ୍ତକ ପ୍ରକାଶ କରିଥିଲେ, ଯାହାର ଶୀର୍ଷକ 'ପଲ୍ଲୀକବି ନନ୍ଦକିଶୋର ବଳ' । ତାହାର ଲେଖକ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା । ସେହି 'ସାତ' ମସିହା ପରେ ତାହାର ଆଉ ଗୋଟିଏ ହେଲେ ସଂସ୍କରଣ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରି ନାହାନ୍ତି । ଅଥଚ ସେହି ଏକାଡେମୀ 'ସତର' ମସିହାରେ ଏ 'ପଲ୍ଲୀକବି'ଙ୍କୁ ନେଇ କୃଷ୍ଣପ୍ରସାଦ ବେହେରା ପୁସ୍ତକଟି ପ୍ରକାଶ କରିଛନ୍ତି । ଏଣୁ ସ୍ୱାଭାବିକ ଭାବେ ଯେଉଁ ରୋଚକ ପ୍ରସଙ୍ଗଟି ଉଠୁଛି, ତାହା ହେଉଛି- 'ପଲ୍ଲୀକବି : କିଏ ସାତ ତ କିଏ ସତର !" ଏ ପ୍ରସଙ୍ଗରେ ବିଶିଷ୍ଟ ସାହିତ୍ୟ ?ସମାଲୋଚକ ବୈ ?ଷ୍ଣବ ଚରଣ ସାମଲଙ୍କର ଏକ ଉକ୍ତି ଗୁରୁତ୍ୱପୂର୍ଣ୍ଣ । ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ପ୍ରକାଶିତ 'ନନ୍ଦକିଶୋର ଗ୍ରନ୍ଥାବଳୀ'ର ମୁଖବନ୍ଧରେ ସେ କହିଛନ୍ତି, "ଇନ୍ଦ୍ରଧନୁ-ବିଜୁଳି ସଂଘର୍ଷର ଅବସାନ ପରେ ରାଧାନାଥ ପ୍ରବର୍ତିତ କାବ୍ୟାଦର୍ଶ ପରିବର୍ତେ ଏ ଦେଶର ବିଷୟବସ୍ତୁ ଓ ଜାତୀୟ ସଂସ୍କୃତିକୁ ଆଧାର କରି ଯେଉଁ ନୂତନ କାବ୍ୟଚେତନା ସୃଷ୍ଟି ହେଲା, ସେହି କାବ୍ୟଚେତନାର ସ୍ରଷ୍ଟାମାନଙ୍କ ମଧ୍ୟରେ ନନ୍ଦକିଶୋର ଅନ୍ୟତମ; କେବଳ ଅନ୍ୟତମ ନୁହନ୍ତି, ଜଣେ ବଳିଷ୍ଠ ସ୍ରଷ୍ଟା । ଯେତେବେଳେ ସହର-ସଂସ୍କୃତି ଓ ସହର-ଜୀବନ କ୍ରମଶଃ ପ୍ରସାରଲାଭ କରିଆସୁଥିଲା ଏବଂ ପଲ୍ଲୀ-ସଂସ୍କୃତି ଓ ପଲ୍ଲୀଜୀବନ ତା' ଭିତରେ ଝାସ ଦେବାକୁ ବସୁଥିଲା, ସେତିକିବେଳେ ନନ୍ଦକିଶୋର ପଲ୍ଲୀର ଐଶ୍ୱର୍ଯ୍ୟ ଓ ସମ୍ପଦକୁ ସମ୍ପାଦି ଦେଇଗଲେ ରାଶି ରାଶି କବିତା ଭିତରେ । ...ନନ୍ଦକିଶୋରଙ୍କଠାରେ ହିଁ ତାହାର ହୋଇଥିଲା ପୂର୍ଣ୍ଣ ବିକାଶ । ...ସେ ହୋଇଗଲେ ପଲ୍ଲୀ-କବି । ଏ ସମ୍ମାନ ଆଉ କାହାରି ପ୍ରାପ୍ୟ ହେଲାନାହିଁ; କେବଳ ହିଁ ନନ୍ଦକିଶୋର ଏପରି ଏକ ଗୌରବର ହେଲେ ଅଧିକାରୀ । ପରେ ସଚ୍ଚିଦାନନ୍ଦ ରାଉତରାୟ ପଲ୍ଲୀର ପରିବର୍ତିତ ଜୀବନଧାରାକୁ ନେଇ କବିତା ଲେଖିଛନ୍ତି, ବିଦ୍ୟୁତ୍‌ପ୍ରଭା ମଧ୍ୟ ଲେଖିଛନ୍ତି ପଲ୍ଲୀକବିତା; ଏବଂ ଅନ୍ୟାନ୍ୟ କେତେକ ପଲ୍ଲୀପ୍ରକୃତି ଓ ପଲ୍ଲୀଜୀବନକୁ ନେଇ କବିତା ଲେଖିଛନ୍ତି । ମାତ୍ର କେହି ପଲ୍ଲୀକବି ହୋଇପାରି ନାହାନ୍ତି । ନନ୍ଦକିଶୋର ହିଁ ଏକମାତ୍ର ପଲ୍ଲୀକବି ଏବଂ ତାଙ୍କୁ ଏହି ପଦବୀରୁ ହଟାଇ ଦେଲାଭଳି ପ୍ରତିଭା ସୃ ?ଷ୍ଟି ହେବେ କି ନା ତାହା ଅନାଗତ କାଳ ହିଁ କହିବ ।" ଏଣୁ, ଏ ଦୃଷ୍ଟିରୁ, ସତର ମସିହାରେ କରିଥିବା 'ପଲ୍ଲୀକବି' ଶୀର୍ଷକ ଅସୌଜନ୍ୟକୁ ଏକାଡେମୀ ସଂଶୋଧନ କରନ୍ତୁ । ସାତ ମସିହାର 'ପଲ୍ଲୀକବି' ବହିଟିକୁ ଉପଲବ୍ଧ କରାଇ ଏହାର ପ୍ରାୟଶ୍ଚିତ୍ତ କରନ୍ତୁ ।

# ବର୍ଷା ନୁହେଁ, ଆଜି ଓଡ଼ିଶାର ଆଖିରୁ ଝରୁଛି ଲୁହ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଡ଼ିଶା ଆଜି ପୁଣି ଜଳର ଯନ୍ତ୍ରଣାରେ କାନ୍ଦୁଛି । ଆକାଶରୁ ନିରନ୍ତର ବର୍ଷା, ନଦୀରେ ଉଛୁଳା ପାଣି, ଗାଁ ଦାଣ୍ଡରେ ବନ୍ୟାଜଳ, ଘର ଭିତରେ ପାଣି, ରାସ୍ତା ଉପରେ ପାଣି, ଚାଷଜମି ଉପରେ ପାଣି ଏବଂ ମଣିଷର ଆଖିରେ ଅସହାୟତାର ଲୁହ—ଏହା କେବଳ ଏକ ପ୍ରାକୃତିକ ଦୁର୍ଘଟଣାର ଚିତ୍ର ନୁହେଁ, ଏହା ଆମ ସମାଜର ମାନବିକତାକୁ ପରୀକ୍ଷା କରୁଥିବା ଏକ ଭୟଙ୍କର ମୁହୂର୍ତ୍ତ । ଅଗଷ୍ଟ ୧୬ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା ପାଇଁ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କତା ଜାରି କରିଛି । ଉତର ଓଡ଼ିଶାର ବିଭିନ୍ନ ଅଚଂଳରେ ବନ୍ୟା ପରିସ୍ଥିତି ଜଟିଳ ହୋଇଥିବା ବେଳେ ନୂଆ ଘୂର୍ଣ୍ଣିବାତ୍ୟାଜନିତ ନିମ୍ନଚାପ ଅଚଂଳ ପୁଣି ବର୍ଷାର ଭୟ ବଢ଼ାଇଛି । କେତେକ ଅଚଂଳରେ ଚବିଶ ଘଣ୍ଟା ମଧ୍ୟରେ ବିଶ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ସତର୍କ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟାନ୍ୟ ଅଚଂଳରେ ବନ୍ୟାର ପ୍ରଭାବ ଜନଜୀବନକୁ ଅସ୍ଥିର କରିଦେଇଛି । ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଓ ବୁଢ଼ାବଳଙ୍ଗ ଭଳି ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇଛି । ହଜାର ହଜାର ପରିବାର ନିଜ ଘର ଛାଡ଼ି ଆଶ୍ରୟସ୍ଥଳୀକୁ ଯିବାକୁ ବାଧ୍ୟ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ରିଲିଫ କେନ୍ଦ୍ରକୁ ନିଆଯାଇଛି । ହେଲେ ପ୍ରଶ୍ନ ହେଉଛି—ବନ୍ୟା କେବଳ ନଦୀର ଜଳରେ ଆସେ କି ? ନାହିଁ, ବନ୍ୟା ଆସେ ଜଣେ ଚାଷୀର ଆଶା ଉପରେ, ଜଣେ ମାଆର ରୋଷେଇଘର ଉପରେ, ଜଣେ ଶିଶୁର ପାଠପଢ଼ା ଉପରେ, ଜଣେ ବୃଦ୍ଧଙ୍କ ଔଷଧ ଉପରେ, ଜଣେ ଶ୍ରମିକଙ୍କ ଦିନମଜୁରି ଉପରେ ଏବଂ ଜଣେ ଗରିବ ପରିବାରର ସମଗ୍ର ଜୀବନ ଉପରେ । ଯେଉଁ ଚାଷୀ ମାସ ମାସ ଧରି ମାଟିକୁ ନିଜ ରକ୍ତ ଓ ଝାଳରେ ସିଂଚିଥିଲା, ଯେଉଁ ଧାନ ଗଛକୁ ସେ ନିଜ ସନ୍ତାନ ଭଳି ଲାଳନ କରିଥିଲା, ଆଜି ସେହି ଧାନକ୍ଷେତ ଅନେକ ସ୍ଥାନରେ ପାଣି ତଳେ । ତା'ର ଆଖି ଆଗରେ ମାସମାନର ପରିଶ୍ରମ ବୁଡ଼ିଯାଉଛି । ସେ ଆକାଶକୁ ଚାହିଁ ପଚାରୁଛି—ମୁଁ କ'ଣ ଅପରାଧ କରିଥିଲି ? ପ୍ରକୃତିର ଉପରେ ତା'ର କୌଣସି ରୋଷ ନାହିଁ, କିନ୍ତୁ ତା'ର ଭବିଷ୍ୟତ ପ୍ରତି ଭୟ ଅଛି । ଧାନ ନଷ୍ଟ ହେଲେ କେବଳ ଗୋଟିଏ ଫସଲ ନଷ୍ଟ ହୁଏ ନାହିଁ; ଗୋଟିଏ ପରିବାରର ଋଣ ଶୋଧିବାର ଆଶା ନଷ୍ଟ ହୁଏ, ପିଲାର ପଢ଼ା ଖର୍ଚ୍ଚ ନଷ୍ଟ ହୁଏ, ଝିଅର ବିବାହ ପାଇଁ ରଖାଯାଇଥିବା ସଂଚୟ ନଷ୍ଟ ହୁଏ, ଆଗାମୀ ଦିନର ଭରସା ନଷ୍ଟ ହୁଏ । ଏହି ବନ୍ୟାଜଳ ଯେତେବେଳେ ଗୋଟିଏ ମାଟିଘର ଭିତରକୁ ପଶେ, ସେତେବେଳେ କେବଳ କାଦୁଅ ଓ ପାଣି ପଶେ ନାହିଁ; ସେଠାରେ ଜଣେ ମାଆର ରୋଷେଇ ସାମଗ୍ରୀ, ଜଣେ ବୃଦ୍ଧଙ୍କ ଔଷଧ, ଜଣେ ଶିଶୁର ବହି, ଜଣେ ଝିଅର ସ୍ୱପ୍ନ ଓ ଜଣେ ପରିବାରର ସ୍ମୃତି ପାଣିରେ ଭାସିଯାଏ । ଆମେ ସହରରେ ବସି ବର୍ଷାକୁ ଜାଣ୍ଡା ଦେଇ ଦେଖୁଥାଉ, ଚା'ର କପ୍‌ରେ ବର୍ଷାର ସୌନ୍ଦର୍ଯ୍ୟ ଖୋଜୁଥାଉ, କିନ୍ତୁ ଗାଁର ମଣିଷ ପାଇଁ ଆଜିର ବର୍ଷା ସୌନ୍ଦର୍ଯ୍ୟ ନୁହେଁ, ଭୟ । ଯେଉଁ ବର୍ଷା ଆମ ପାଇଁ ଶୀତଳତା, ସେହି ବର୍ଷା ତା' ପାଇଁ ଘରଭଙ୍ଗାର ଆଶଙ୍କା । ଯେଉଁ ନଦୀ ଆମ ସଭ୍ୟତାର ଜୀବନଧାରା, ସେହି ନଦୀ ଯେତେବେଳେ ସୀମା ଲଂଘି ଗାଁକୁ ପଶେ, ସେତେବେଳେ ସେହି ଜୀବନଧାରା ମୃତ୍ୟୁଭୟର ରୂପ ନିଏ । ତେଣୁ ଆଜିର ପ୍ରଶ୍ନ କେବଳ ବର୍ଷା କେତେ ହେଲା ତାହା ନୁହେଁ; ପ୍ରଶ୍ନ ହେଉଛି ଆମେ କେତେ ପ୍ରସ୍ତୁତ ଥିଲୁ ? ପ୍ରଶ୍ନ ହେଉଛି ବନ୍ୟା ଆସିଲେ ମଣିଷକୁ କେତେ ଶୀଘ୍ର ଉଦ୍ଧାର କରିପାରୁଛୁ ? ପ୍ରଶ୍ନ ହେଉଛି ଗୋଟିଏ ଗାଁରେ ଜଣେ ବୃଦ୍ଧ ଏକାକୀ ରହିଥିଲେ ତାଙ୍କୁ କିଏ ଖୋଜିବ ? ଗର୍ଭବତୀ ମହିଳାଙ୍କୁ କିଏ ହସ୍ପିଟାଲ ନେବ ? ଶିଶୁଙ୍କ ପାଇଁ ଦୁଧ କେଉଁଠାରୁ ଆସିବ ? ଗୃହପାଳିତ ପଶୁଗୁଡ଼ିକୁ କିଏ ସୁରକ୍ଷିତ କରିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ କାଗଜରେ ଲିଖା ଯୋଜନା ଦେଇ ହେବ ନାହିଁ । ଜଳ ଆସିବା ପୂର୍ବରୁ ପ୍ରସ୍ତୁତି ଦରକାର, ଜଳ ଆସିବା ସମୟରେ ଦ୍ରୁତ କାର୍ଯ୍ୟ ଦରକାର ଏବଂ ଜଳ ହଟିଯିବା ପରେ ମଣିଷକୁ ପୁଣି ନିଜ ପାଦରେ ଠିଆ କରିବାର ସଙ୍କଳ୍ପ ଦରକାର । ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଦେଶରେ ଏକ ଦୃଢ଼ ଉଦାହରଣ ଗଢ଼ିଛି, କିନ୍ତୁ ପ୍ରତ୍ୟେକ ବିପର୍ଯ୍ୟୟ ଆମକୁ ନୂଆ ଶିକ୍ଷା ଦେଇଥାଏ । ପୁରୁଣା ଅନୁଭବ ଉପରେ ଭରସା କରି ନୂଆ ବିପଦକୁ ଅବହେଳା କରିବା ଚାଲିବ ନାହିଁ । ଜଳବାୟୁ ପରିବର୍ତନର ଯୁଗରେ ବର୍ଷାର ଚରିତ୍ର ବଦଳୁଛି । କେବେ ଦୀର୍ଘ ସମୟ ଧରି ବର୍ଷା ହେଉନାହିଁ, ଆଉ କେବେ ଅତ୍ୟଳ୍ପ ସମୟରେ ଅସାଧାରଣ ପରିମାଣର ବର୍ଷା ହୋଇଯାଉଛି । ଏହି ପରିବର୍ତନକୁ ମାନି ନଦୀ, ନାଳା, ଜଳାଶୟ, ରାସ୍ତା, ସହର ଓ ଗାଁର ଯୋଜନାକୁ ପୁନଃବିଚାର କରିବା ଆବଶ୍ୟକ । ନଦୀର ସ୍ୱାଭାବିକ ପ୍ରବାହପଥ ଦଖଲ କରି ଘର ତିଆରି କରିବା, ଜଳାଶୟ ପୋତିଦେବା, ନାଳା ବନ୍ଦ କରିଦେବା ଓ ଅବ୍ୟବସ୍ଥିତ ନିର୍ମାଣକୁ ବିକାଶ ବୋଲି ମାନିନେବା ଆଗାମୀ ଦିନରେ ଆମ ପାଇଁ ଆହୁରି ବଡ଼ ବିପଦ ଆଣିପାରେ । ସହରରେ ଅଳ୍ପ ବର୍ଷା ହେଲେ ରାସ୍ତା ଜଳମଗ୍ନ ହେବା ଏବଂ ଗାଁରେ ନଦୀ ଉଛୁଳିଲେ ଘର ଭାସିଯିବା—ଏହି ଦୁଇଟି ଘଟଣା ଆମକୁ ଏକେ କଥା କହୁଛି : ପ୍ରକୃତିକୁ ଅବହେଳା କରି ବିକାଶ ସମ୍ଭବ ନୁହେଁ । ଆଜି ଯେଉଁ ଶିଶୁଟି ଆଶ୍ରୟକେନ୍ଦ୍ରରେ ବସି ନିଜ ବହି ଖୋଜୁଛି, ତା'ର ଭବିଷ୍ୟତ ଆମ ହାତରେ । ଯେଉଁ ମାଆଟି ନିଜ ଶିଶୁକୁ କୋଳରେ ଧରି ରାତି କାଟୁଛି, ତା'ର ନିରାପତ୍ତା ଆମ ଦାୟିତ୍ୱ । ଯେଉଁ ବୃଦ୍ଧ ନିଜ ଭଙ୍ଗା ଘର ଦ୍ୱାରରେ ବସି ପାଣି ହ୍ରାସକୁ ଅପେକ୍ଷା କରୁଛନ୍ତି, ତାଙ୍କର ଆଖିର ଲୁହକୁ କେବଳ ସହାନୁଭୂତି ଦେଇ ପୋଛାଯିବ ନାହିଁ; ତାଙ୍କୁ ଘର, ଖାଦ୍ୟ, ଔଷଧ ଓ ନୂଆ ଜୀବନ ଦରକାର । ବିପର୍ଯ୍ୟୟ ସମୟରେ ରିଲିଫ କେବଳ ଚାଉଳ, ଡାଲି ଓ ତାରପୋଲିନ ଦେଇ ସମାପ୍ତ ହୋଇଯାଏ ନାହିଁ । ବିପର୍ଯ୍ୟୟ ପରେ ମଣିଷର ମନକୁ ମଧ୍ୟ ସମ୍ଭାଳିବାକୁ ପଡ଼ ? । ଯାହାର ଘର ଭାସିଗଲା, ଯାହାର ଫସଲ ନଷ୍ଟ ହେଲା, ଯାହାର ପଶୁ ମରିଗଲା, ଯାହାର ଜୀବିକା ବନ୍ଦ ହୋଇଗଲା, ସେହି ମଣିଷକୁ କେବଳ ଏକଥର ସହାୟତା ଦେଇ ଛାଡ଼ିଦେଲେ ଚାଲିବ ନାହିଁ । ତାଙ୍କର ପୁନର୍ବାସନ ଦରକାର, ଜୀବିକାର ପୁନର୍ନିର୍ମାଣ ଦରକାର, ଚାଷୀଙ୍କୁ ଫସଲ କ୍ଷତିର ଯଥୋଚିତ ସହାୟତା ଦରକାର, ଛୋଟ ବ୍ୟବସାୟୀଙ୍କୁ ପୁଣି ଦୋକାନ ଖୋଲିବାର ସୁଯୋଗ ଦରକାର, ଶ୍ରମିକଙ୍କୁ ପୁଣି କାମ ଦରକାର । ବନ୍ୟାର ପାଣି ହଟିଯାଏ, କିନ୍ତୁ ବନ୍ୟାର କ୍ଷତ ଅନେକ ମାସ ଓ ବର୍ଷ ପର୍ଯ୍ୟନ୍ତ ରହିଯାଏ । ତେଣୁ ସରକାରୀ ଯନ୍ତ୍ରଣାକୁ ଆଜି ଦୁଇଟି ମୋର୍ଚ୍ଚାରେ ଲଢ଼ିବାକୁ ପଡ଼ିବ—ପ୍ରଥମେ ଜୀବନ ବଂାଇବା, ପରେ ଜୀବନ ଗଢ଼ିବା । ଏହି ସମୟରେ ପ୍ରଶାସନର ପ୍ରତ୍ୟେକ କର୍ମଚାରୀଙ୍କୁ ଲୋକଙ୍କ ମଧ୍ୟରେ ରହିବାକୁ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଗାଁର ତଳସ୍ତର ପର୍ଯ୍ୟନ୍ତ ସୂଚନାର ଶୃଙ୍ଖଳା ଦ୍ରୁତ ଓ ସ୍ୱଚ୍ଛ ହେବା ଦରକାର । କେଉଁ ଗାଁ ବିପଦରେ, କେଉଁ ରାସ୍ତା ବନ୍ଦ, କେଉଁଠାରେ ଖାଦ୍ୟ ଆବଶ୍ୟକ, କେଉଁଠାରେ ଔଷଧ ଆବଶ୍ୟକ, କେଉଁଠାରେ ଉଦ୍ଧାର ଆବଶ୍ୟକ—ଏହି ସବୁ ତଥ୍ୟ ତୁରନ୍ତ ପହଚଂିବା ଦରକାର । ଅଫବାହ ଏହି ସମୟରେ ଆଉ ଗୋଟିଏ ବିପଦ । ତେଣୁ ଲୋକଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ । ଲୋକମାନେ ମଧ୍ୟ ସରକାରୀ ସତର୍କତାକୁ ହେଳା କରିବା ଉଚିତ ନୁହେଁ । ନଦୀର ଜଳ ଦେଖିବାକୁ ଯିବା, ବନ୍ୟାଜଳ ମଧ୍ୟରେ ଯାନ ଚଳାଇବା, ଛୋଟ ପିଲାଙ୍କୁ ଜଳ ନିକଟକୁ ଯିବାକୁ ଦେବା, ବିଦ୍ୟୁତ ତାର କିମ୍ବା ଜଳମଗ୍ନ ଅଚଂଳରେ ଅସାବଧାନତା ଦେଖାଇବା—ଏସବୁ ଜୀବନ ପାଇଁ ଅନାବଶ୍ୟକ ବିପଦ । ପ୍ରକୃତିର ଶକ୍ତି ସମ୍ମୁଖରେ ମଣିଷର ଅହଂକାରର କୌଣସି ମୂଲ୍ୟ ନାହିଁ । ଆଜି ଓଡ଼ିଶାର ଅନେକ ଅଚଂଳ ଯେଉଁ ଯନ୍ତ୍ରଣା ମଧ୍ୟରେ ଅଛି, ସେଠାରେ ଆମ ସମସ୍ତଙ୍କ ମାନବିକତାର ପରୀକ୍ଷା ହେଉଛି । ସମାଜର ସକ୍ଷମ ଲୋକମାନେ ଆଗକୁ ଆସନ୍ତୁ । ଯାହାର ଘରେ ଅତିରିକ୍ତ ଖାଦ୍ୟ ଅଛି, ସେ ଭୋକିଲାଙ୍କୁ ଦିଅନ୍ତୁ । ଯାହାର ପାଖରେ ପୋଷାକ ଅଛି, ସେ ଆବଶ୍ୟକତାରେ ଥିବା ପରିବାରକୁ ଦିଅନ୍ତୁ । ଯାହାର ସାମର୍ଥ୍ୟ ଅଛି, ସେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରନ୍ତୁ । ଓଡ଼ିଶାର ମାଟିରେ ସଙ୍କଟ ସମୟରେ ମଣିଷ ମଣିଷର ହାତ ଧରିବାର ଯେଉଁ ପରମ୍ପରା ଅଛି, ତାହା ଆଜି ପୁଣି ଜାଗ୍ରତ ହେବା ଦରକାର । ଆମେ ଭୁଲିଯିବା ଉଚିତ ନୁହେଁ—ବନ୍ୟା ଜାତି, ଧର୍ମ, ଦଳ, ଧନୀ, ଗରିବ ଦେଖେ ନାହିଁ । ପାଣି ସମସ୍ତଙ୍କ ଘର ଦ୍ୱାରକୁ ପହଚଂିପାରେ । ତେଣୁ ସହାୟତାରେ ମଧ୍ୟ କୌଣସି ଭେଦଭାବ ରହିବା ଉଚିତ ନୁହେଁ । ଆଜି ରାଜନୀତିର ସମୟ ନୁହେଁ; ଆଜି ମାନବିକତାର ସମୟ । ଆଜି ଦୋଷାରୋପର ସମୟ ନୁହେଁ; ଆଜି ଜୀବନ ବଚାଂଇବାର ସମୟ । କିନ୍ତୁ ଜଳ ହଟିଯିବା ପରେ ଆମକୁ ନିଶ୍ଚିତ ଭାବେ ପ୍ରଶ୍ନ କରିବାକୁ ହେବ—କେଉଁଠାରେ ତ୍ରୁଟି ହେଲା, କେଉଁଠାରେ ଆମେ ପ୍ରସ୍ତୁତ ନଥିଲୁ, କେଉଁ ନାଳା ବନ୍ଦ ହେଲା, କେଉଁ ଜଳାଶୟ ଦଖଲ ହେଲା, କେଉଁ ନଦୀପଥ ସଙ୍କୁଚିତ ହେଲା, କେଉଁ ରାସ୍ତା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଲା ଏବଂ ଭବିଷ୍ୟତରେ ଏହି ଦୁଃଖକୁ କିପରି କମାଇହେବ । ବିପର୍ଯ୍ୟୟ ପରେ କେବଳ କ୍ଷତିପୂରଣ ଘୋଷଣା କରିଦେଲେ ଦାୟିତ୍ୱ ସରିଯାଏ ନାହିଁ । କ୍ଷତି କାହିଁକି ହେଲା ତାହା ବୁଝି ଆଗାମୀ ବିପଦକୁ କମାଇବା ହେଉଛି ସତ୍ୟ ଶାସନର ପରିଚୟ । ଆମକୁ ନଦୀକୁ ନଦୀ ଭାବେ ବଚଂିବାକୁ ଦେବାକୁ ପଡ଼ିବ । ଜଳାଶୟକୁ ଜଳାଶୟ ଭାବେ ସୁରକ୍ଷିତ ରଖିବାକୁ ପଡ଼ିବ । ନାଳାକୁ ଆବର୍ଜନାରେ ଭରିଦେବା ଅଭ୍ୟାସ ଛାଡ଼ିବାକୁ ପଡ଼ିବ । ଗାଁର ପୁରୁଣା ପୋଖରୀ, ଜଳାଶୟ ଓ ପ୍ରାକୃତିକ ଜଳପଥକୁ ପୁନରୁଦ୍ଧାର କରିବାକୁ ପଡ଼ିବ । ବର୍ଷାଜଳକୁ ଶତ୍ରୁ ଭାବିବା ନୁହେଁ, ତାହାକୁ ସଂରକ୍ଷଣ କରିବାର ବ୍ୟବସ୍ଥା କରିବାକୁ ପଡ଼ିବ । ଆଜି ଯେଉଁ ପାଣି ଘର ଭାସାଉଛି, ସେହି ପାଣି ଯଦି ଠିକ୍ ଭାବେ ସଂରକ୍ଷିତ ହୁଏ, ତେବେ ଆଗାମୀ ଦିନର ଖରାରେ ସେହି ପାଣି ଜୀବନ ଦେଇପାରିବ । ତେଣୁ ବର୍ଷା ଆମର ଶତ୍ରୁ ନୁହେଁ; ଅବ୍ୟବସ୍ଥା ଆମର ଶତ୍ରୁ । ନଦୀ ଆମର ଶତ୍ରୁ ନୁହେଁ; ନଦୀର ପଥକୁ ଅବହେଳା କରିବା ଆମର ଭୁଲ । ପ୍ରକୃତି ଆମକୁ ଶାସ୍ତି ଦେଉନାହିଁ; ପ୍ରକୃତି ଆମକୁ ସତର୍କ କରୁଛି । ଏହି ସତର୍କତାକୁ ବୁଝିବା ହିଁ ଆମର ଦାୟିତ୍ୱ । ଆଜି ଓଡ଼ିଶାର ଆକାଶ ଭାରୀ, ମାଟି ଭିଜା, ନଦୀ ଉଛୁଳା ଏବଂ ଲୋକଙ୍କ ମନ ଭୟରେ ଭରିଛି । କିନ୍ତୁ ଏହି ଅନ୍ଧାର ମଧ୍ୟରେ ଆମେ ଆଶାର ଦୀପ ଜଳାଇପାରିବା । ଜଣେ ଉଦ୍ଧାରକର୍ମୀ ଯେତେବେଳେ ନିଜ ଜୀବନକୁ ବିପଦରେ ପକାଇ ଅନ୍ୟ ଜଣଙ୍କୁ ଉଦ୍ଧାର କରନ୍ତି, ସେଠାରେ ମାନବିକତା ଜିତେ । ଜଣେ ଅଜଣା ମଣିଷ ଯେତେବେଳେ ନିଜ ନୌକାରେ ପଡ଼ୋଶୀଙ୍କୁ ଉଦ୍ଧାର କରନ୍ତି, ସେଠାରେ ମଣିଷର ମହତ୍ତ୍ୱ ପ୍ରମାଣିତ ହୁଏ । ଜଣେ ଯୁବକ ଯେତେବେଳେ ରାତିରେ ଘରୁ ବାହାରି ବୃଦ୍ଧଙ୍କୁ ଆଶ୍ରୟକେନ୍ଦ୍ରକୁ ନେଇଯାଏ, ସେଠାରେ ଓଡ଼ିଶାର ଆତ୍ମା ଦେଖାଯାଏ । ଜଣେ ମହିଳା ଯେତେବେଳେ ନିଜ ଘରର ରୋଷେଇ ଚୁଲିରେ ଅଧିକ ଭାତ ରାନ୍ଧି ବନ୍ୟାପୀଡ଼ିତଙ୍କୁ ଖୁଆନ୍ତି, ସେଠାରେ ମାଟିର ମମତା ଦେଖାଯାଏ । ଏହି ମାନବିକତା ହିଁ ଓଡ଼ିଶାର ସତ୍ୟ ଶକ୍ତି । ଆଜି ଆମର ସମ୍ପାଦକୀୟର ଆହ୍ୱାନ ସରଳ—କାହାକୁ ଏକା ଛାଡ଼ନ୍ତୁ ନାହିଁ । ଆପଣଙ୍କ ପଡ଼ଶୀ ବୃଦ୍ଧ କି ନିରାପଦରେ ଅଛନ୍ତି ଦେଖନ୍ତୁ । ଆପଣଙ୍କ ଗାଁର ଗର୍ଭବତୀ ମହିଳା କି ନିରାପଦରେ ଅଛନ୍ତି ଜାଣନ୍ତୁ । ଆପଣଙ୍କ ଅଚଂଳର ଶିଶୁ ଓ ଅସହାୟ ଲୋକଙ୍କୁ ପ୍ରଥମେ ସୁରକ୍ଷିତ କରନ୍ତୁ । ପ୍ରଶାସନର ନିର୍ଦ୍ଦେଶ ମାନନ୍ତୁ । ବିପଦକୁ ଦେଖି ଉତ୍ସୁକତାରେ ଭିଡ଼ କରନ୍ତୁ ନାହିଁ । ଅପ୍ରମାଣିତ ଖବର ପ୍ରଚାର କରନ୍ତୁ ନାହିଁ । ଯେଉଁଠାରେ ସହାୟତା ଆବଶ୍ୟକ, ସେଠାରେ ସୂଚନା ପହଚାଂନ୍ତୁ । ଏବଂ ସରକାରଙ୍କୁ ମଧ୍ୟ ଆମର ଆହ୍ୱାନ—କୌଣସି ଜୀବନକୁ ଅବହେଳା କରନ୍ତୁ ନାହିଁ । କାଗଜର ତଥ୍ୟ ଠାରୁ ମାଟିର ସତ୍ୟ ବଡ଼ । କାର୍ଯ୍ୟାଳୟର ରିପୋର୍ଟ ଠାରୁ ଗାଁର ଲୋକଙ୍କ ଆଖିର ଲୁହ ବଡ଼ । ଯେଉଁଠାରେ ଲୋକ ଭୟରେ ଅଛନ୍ତି, ସେଠାରେ ଅଧିକାରୀ ପହଚଂନ୍ତୁ । ଯେଉଁଠାରେ ଖାଦ୍ୟ ନାହିଁ, ସେଠାରେ ଖାଦ୍ୟ ପହଚଂୁ । ଯେଉଁଠାରେ ଔଷଧ ନାହିଁ, ସେଠାରେ ଚିକିତ୍ସା ପହଚଂୁ । ଯେଉଁଠାରେ ଘର ଭାଙ୍ଗିଛି, ସେଠାରେ ଆଶ୍ରୟ ପହଚଂୁ । ଯେଉଁଠାରେ ଫସଲ ନଷ୍ଟ ହୋଇଛି, ସେଠାରେ ଚାଷୀଙ୍କ ହାତ ଧରାଯାଉ । ଆମେ ଏହା ମଧ୍ୟ ମନେ ରଖିବା ଦରକାର ଯେ ବନ୍ୟା କେବଳ ଉତ୍ତର ଓଡ଼ିଶାର ସମସ୍ୟା ନୁହେଁ, ଏହା ସମଗ୍ର ଓଡ଼ିଶାର ସମସ୍ୟା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଲଗାଣ ବର୍ଷାରେ ୬ ପରିବାରର ଘର ଭାଙ୍ଗିଲା :

## ତୁରନ୍ତ ସହାୟତା ପାଇଁ ବିଧାୟକଙ୍କ ନିର୍ଦ୍ଦେଶ



ଝାରସୁଗୁଡ଼ା,୨୧/୮(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡ଼ା ପୌରପାଳିକା ଅନ୍ତର୍ଗତ ପୁରୁଣାବସ୍ତି ଅଂଚଳରେ ୬ଟି ପରିବାରର ଘର କ୍ଷତିଗ୍ରସ୍ତ ହୋଇ ଭାଙ୍ଗିପଡ଼ିଛି। ଖବର ପାଇ ବୁଧବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ୱାର୍ଡ ନଂ-୧୫ର ଲୋକେଶ ସାହୁ ଓ ଭାରତ ସାହୁଙ୍କ ସମେତ ୱାର୍ଡ ନଂ-୧୬ର ଇୟା ମିସ୍ତ୍ରୀ, ଯୁଗଳ ମହାପାତ୍ର, ପ୍ରକାଶ ମହାପାତ୍ର ଓ ପ୍ରଦୀପ ମହାପାତ୍ରଙ୍କ ପରିବାର ସହ ଆଲୋଚନା କରିଥିଲେ। ବର୍ଷା ଯୋଗୁଁ ସେମାନଙ୍କ ଘର ଓ ଜୀବନଜୀବିକା ଉପରେ ପଡ଼ିଥିବା ପ୍ରଭାବ ସହ ତୁରନ୍ତ ଆବଶ୍ୟକ ଥିବା ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ପୌରପରିଷଦ ଅଧିକାରୀଙ୍କ ସହ କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ପ୍ରଭାବିତ ପରିବାରଗୁଡ଼ିକ ଯେପରି ଅସୁବିଧାରେ ନ ପଡ଼ନ୍ତି ଏବଂ ତୁରନ୍ତ ସରକାରୀ ସହାୟତା ପାଇପାରନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନର ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। ସ୍ଥିତି ସମୀକ୍ଷା ସମୟରେ ଝାରସୁଗୁଡ଼ା ପୌରପରିଷଦର ଇଓ ନିଶିକାନ୍ତ ଟେଟେଙ୍କ ସମେତ ବିମଳେନ୍ଦୁ ଭୋଳ, ରାଜେନ୍ଦ୍ର ସା, ସୋନୁ ଥିରାଣୀ, ବିବେକ ଶ୍ରୀବାସ, ନେତ୍ର ମହାପାତ୍ର, ରୁବି ମହାନ୍ତି ଓ ପୌରପରିଷଦର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ ସଚେତନତା ଶିବିର



ସମ୍ବଲପୁର,୨୧/୮(ନି/ପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ଯୁବ ରେଡକ୍ରସ୍ ଶାଖା ତରଫରୁ ନିଶା ନିବାରଣ ଉପରେ ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା।ଏହି ସଭାରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କୌଶିକ କୁମାର ପ୍ରଧାନ ସଂଯୋଜନା କରିଥିଲେ।ଉକ୍ତ ସଭାରେ କିସିଣ୍ଡା ଥାନାଧିକାରୀ ରାଜେନ୍ଦ୍ର ବେହେରା, ସବ୍ ଇନ୍ସପେକ୍ଟର ଗୋଲକ ବିହାରୀ ପ୍ରଧାନ ମୁଖ୍ୟ ଅତିଥି ରୂପରେ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ନିଶା ନିବାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନିମିତ ଉପଦେଶ ଦେଇଥିଲେ ଏବଂ ସର୍ବଶେଷରେ ଶପଥ ପାଠ ମଧ୍ୟ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସୁଶ୍ରିତା ଭୋଇ ସଭାପତିତ୍ୱ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟ କର୍ମଚାରୀ ତଥା ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ। ଏଥିରେ ସମସ୍ତ କର୍ମଚାରୀ ବୃନ୍ଦ ପ୍ରମୁଖ ସହଯୋଗ କରିଥିଲେ।ପରିଶେଷରେ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ତୃତୀୟ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍ ଅନୁଷ୍ଠିତ

ଜୟପୁର,୨୧/୮(ନି/ପ୍ର):ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରରେ ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତିଙ୍କ ସଭାପତିତ୍ୱରେ ସାପ୍ତାହିକ ଏକାଡେମିକ ଫ୍ୟୁକେଲେଟି ଡେଭେଲପମେଂଟ ପ୍ରୋଗ୍ରାମ ଅନ୍ତର୍ଗତ ତୃତୀୟ ଫ୍ୟାକଲ୍ଟି ଡେଭଲପମେଂଟ କାର୍ଯ୍ୟକ୍ରମ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କକ୍ଷ ନଂ–ଏଲ ୨ ରେ ଅପରାହ୍ନ ୪ଟା ୧୫ ମିନିଟ୍ ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସିପିଜିସି ଡ଼. ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଏକ ପରିଚୟାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଏଭଳି ସାପ୍ତାହିକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ମଧ୍ୟରେ ଜ୍ଞାନର ଆଦାନ-ପ୍ରଦାନ, ଗବେଷଣାମୂଳକ ଚିନ୍ତନ ଏବଂ ଆନ୍ତଃବିଷୟକ ଆଲୋଚନାକୁ ପ୍ରୋତ୍ସାହିତ କରିବ। ଏହି ଅବସରରେ ଦର୍ଶନ ବିଭାଗର କ୍ୟାପଟେନ ଡ଼. ଲକ୍ଷ୍ମଣ ପାତ୍ର "ରେଭିସିଟିଙ୍ଗ ଦୀ କ୍ଲସିକଲ ଇଣ୍ଡିଆନ କଂସେପ୍ଟ ଅଫ ପୁରୁଷାର୍ଥସ ଆଣ୍ଡ ଏକ୍ସପ୍ଲୋରିଙ୍ଗ ଇଟ୍ସ ରେଲେଭାନ୍ସ ଫୋର ଦି ରେକନ୍ସଟ୍ରକ୍ସନ ଅଫ କଂଟେମ୍ପୋରରୀ ସୋସାଇଟି " ଶୀର୍ଷକ ବିଷୟ ଉପରେ ଏକ ସାରଗର୍ଭକ ଏବଂ ଗବେଷଣାମୂଳକ ଉପସ୍ଥାପନା କରିଥିଲେ। ଡ଼. ପାତ୍ର ତାଙ୍କ ଉପସ୍ଥାପନାରେ ଭାରତୀୟ ଦର୍ଶନର ଚାରି ପୁରୁଷାର୍ଥ-ଧର୍ମ, ଅର୍ଥ, କାମ ଓ ମୋକ୍ଷ-ର ତାତ୍ତ୍ୱିକ ଏବଂ ବ୍ୟବହାରିକ ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସମକାଳୀନ ସମାଜରେ ନୈତିକ ମୂଲ୍ୟବୋଧର ଅବକ୍ଷୟ, ଅତ୍ୟଧିକ ଭୌତିକବାଦ ଏବଂ ଜୀବନରେ ସନ୍ତୁଳନହୀନତା ଭଳି ସମସ୍ୟାର ସମାଧାନ ପାଇଁ ପୁରୁଷାର୍ଥର ସନ୍ତୁଳିତ ଧାରଣା କିପରି ପଥପ୍ରଦର୍ଶକ ହୋଇପାରିବ, ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସଭାପତି ତଥା ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତି ତାଙ୍କ ସଭାପତିଙ୍କ ଅଭିଭାଷଣରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ସମକାଳୀନ ସମାଜ ଗଠନରେ ଭାରତୀୟ ଦାର୍ଶନିକ ଚିନ୍ତାଧାରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ବ୍ରଜରାଜନଗରରେ ପୌରପାଳିକା ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ତାରପୋଲିନ ଓ ଶୁଖିଲା ଖାଦ୍ୟ ବଣ୍ଟନ

ଝାରସୁଗୁଡ଼ା,୨୧/୮(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ବ୍ରଜରାଜନଗର ପୌରାଂଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ କୁଟାବାଗା ଅଂଚଳରେ ଘରଦ୍ୱାର ଭାଙ୍ଗି କିଛି ଘର କ୍ଷୟକ୍ଷତି ଘଟିଛି। ବର୍ଷା ଜଳ ପ୍ରବେଶ କରିବା ଫଳରେ ଅନେକ ପରିବାର ବାସହରା ହୋଇପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏହି ସୂଚନା ପାଇବା କ୍ଷଣି ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତିର ତଦାରଖ କରିଛନ୍ତି। ଏହି ସମୟରେ ପୌର ଅଧ୍ୟକ୍ଷ ଗୋପାଳ ସିତାନି ମଧ୍ୟ ଉପସ୍ଥିତ ଥିଲେ। ପୌର ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ପ୍ରଭାବିତ ପରିବାରମାନଙ୍କୁ ଆଶ୍ରୟ ନିମନ୍ତେ ଜରୁରୀକାଳୀନ ଭାବେ ତାରପୋଲିନ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ତେବେ ମାଳିଡିହି ଗ୍ରାମରେ ଜଣେ ସନ୍ୟାସୀ ରଣା ଙ୍କ ଘର ୨୦ ଦିନ ମଧ୍ୟରେ ଦୁଇ ଥର ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଗତ ଜୁଲାଇ ମାସ ୨୯ ତାରିଖ ବର୍ଷା କାରଣରୁ ସନ୍ୟାସୀ ଙ୍କ ଘର ଭାଙ୍ଗିଥିଲା।

## ସଂକୀର୍ତ୍ତନ ମଣ୍ଡଳୀ ଗାହାକ ମକ୍ତାରି ସାହୁଙ୍କ ପରଲୋକ



ସମ୍ବଲପୁର,୨୧/୮(ନି/ପ୍ର): ରେଙ୍ଗାଲି ବ୍ଲକ ସାଲଡ଼ ଗ୍ରାମ ଧର୍ମ ପରାୟଣ ବ୍ୟକ୍ତିତ୍ୱ ତଥା କୀର୍ତନ ପ୍ରେମୀ ମକ୍ତାରି ସାହୁ ୯୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂକୀର୍ତନ ପ୍ରେମୀ ତଥା ମୁଖ୍ୟ ଗାହାକ ଭାବରେ ଅଂଚଳରେ ସହ ସମ୍ବଲପୁର, ସୁନ୍ଦରଗଡ଼, ଲକ୍ଷଣପୁର ବେଲପାହାଡ ଅଂଚଳରେ ସୁନାମ ଅର୍ଜନ କରି ଥିଲେ ଓ ଜଣେ ଭଲ ଚାଷୀ ଭାବରେ ଜିଲ୍ଲା ସ୍ତରରେ କୃଷି ବିଭାଗ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି ଓ ସାଲାଡ଼ ନୁଆଁଖାଇ ଭେଟଘାଟରେ ଶ୍ରେଷ୍ଠ କଳାକାର ଭାବରେ ସମ୍ମାନିତ ମଧ୍ୟ କରଯାଇଛି ଓ ତାଙ୍କର ପରଲୋକରେ ଅଂଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। ତାଙ୍କର ୫ ଝିଅଙ୍କ ସମେତ ଜୋଇଁ ନାତି, ନାତୁଣୀ ପଣ ନାତି ଏବଂ ବହୁ ଗଣ୍ୟ ମାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ଥିଲେ ଓ ପୁତ୍ର ନିତ୍ୟାନନ୍ଦ ସାହୁ ସ୍ଥାନୀୟ ସ୍ମଶାନରେ ମୁଖାଗ୍ନି ଦେବା ସହିତ ଶେଷକୃତ କରଯାଇଥିଲା।

## କାର ଧକ୍କାରେ ୨ ବାଇକ ଆରୋହୀ ଗୁରୁତର

ଝାରସୁଗୁଡ଼ା,୨୧/୮(ନି/ପ୍ର): କୋଲାବିରା ଥାନା ଅଧିନସ୍ଥ ଜାତୀୟ ରାଜପଥ ୪୯ର ମାଳିଡିହି ଗାଁ ମୁଣ୍ଡରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟା ରେ ଗୋଟିଏ ଅଜଣା କାର ଗୋଟିଏ ବାଇକକୁ ଧକ୍କା ଦେବାରୁ ବାଇକ ରେ ବସିଥିବା ଦୁଇ ଯୁବକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି କ୍ଷ ଆହତ ଯୁବକ ଦ୍ୱୟ ହେଲେ ଦୀପକ ସାହୁ (୩୦) ଓ ବିକ୍କୁ ସାହୁ (୪୦)। ଦୀପକ ଓ ବିକ୍କୁ ଏକ ବାଇକ ରେ କୁଚିଣ୍ଡା ପଟୁ ଘରକୁ ଆସୁଥିବା ବେଳେ କୁଚିଣ୍ଡାରୁ ଝାରସୁଗୁଡ଼ା ଆସୁଥିବା ଏକ କାର ଦ୍ରୁତ ଗତିରେ ପଛପଟୁ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ କୋଲାବିରା ପୋଲିସ ଓ ଗ୍ରାମବାସୀ ଆହତଙ୍କୁ ଝାରସୁଗୁଡ଼ା ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ।

## ଲଗାଣ ବର୍ଷାରେ ମାଳିଡିହି ଓ ଆମାତିରେ ଘର ଭାଙ୍ଗିଲା

ଝାରସୁଗୁଡ଼ା,୨୧/୮(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପୋଖରାସାହ୍ଲେ ପଂଚାୟତ ଅଧିନସ୍ଥ ମାଳିଡିହି ଓ ଅମାତି ଗ୍ରାମରେ ଲଗାଣ ବର୍ଷା କାରଣରୁ ଅନେକ ଘର ଭାଙ୍ଗିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ଅଭିଯୋଗ ହୋଇଛି। ତେବେ ମାଳିଡିହି ଗ୍ରାମରେ ଜଣେ ସନ୍ୟାସୀ ରଣା ଙ୍କ ଘର ୨୦ ଦିନ ମଧ୍ୟରେ ଦୁଇ ଥର ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଗତ ଜୁଲାଇ ମାସ ୨୯ ତାରିଖ ବର୍ଷା କାରଣରୁ ସନ୍ୟାସୀ ଙ୍କ ଘର ଭାଙ୍ଗିଥିଲା। ସେ ସମୟରେ ଆମ୍ଭ ପ୍ରମେୟ ରେ ଏକ ଖବର ମଧ୍ୟ ପ୍ରକାଶନ ହୋଇଥିଲା। ସନ୍ୟାସୀ ପୋଖରାସାହ୍ଲେ ରାଜସ୍ୱ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ମାତ୍ର ରାଜସ୍ୱ ଅଧିକାରୀ ଭଙ୍ଗା ଘର କୁ ପରିଦର୍ଶନ କରିନଥିଲେ କି କୌଣସି ପ୍ରକାର ସହଯୋଗ କରିନଥିବା ଅଭିଯୋଗ ହୋଇଛି। ତେବେ ୧୯ ତାରିଖ ସକାଳୁ ସନ୍ୟାସୀ ଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଘର କାନ୍ଥ ତଳେ ଜୀବିକା ପାଇଁ ଥିବା କୁମ୍ଭାର ଚକ ସହ ସମସ୍ତ ଆସବା ପତ୍ର ରହିଯାଇଥିବା ସୂଚନା ମିଳିଛି। ତେବେ ରାଜସ୍ୱ ବିଭାଗ ର ଏଭଳି ଅବହେଳାକୁ ନେଇ ଗ୍ରାମବାସୀ ଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସାମ୍ବାଦିକ ତଥା ସମାଜସେବୀ ମନୋଜ ସାହୁ କ୍ଷତିଗ୍ରସ୍ତ ଚାଷୀ ସନ୍ୟାସୀ ଶୀଘ୍ର ସହାୟତା ଯୋଗାଇଦେବା ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସାହାଯ୍ୟ ଲୋଡ଼ିଥିବା ସୂଚନା ମିଳିଛି। ଏହାସହ ଏହି ପୋଖରାସାହ୍ଲେ ପଂଚାୟତ ର ଆମାତି ଗ୍ରାମ ଗଦଳ ପଡ଼ା ର ସୀତା କିସାନ ଓ ସଙ୍କୀର୍ତନ କିସାନ ଙ୍କ ଘର କାନ୍ଥ ରେ ଲଗାଣ ବର୍ଷା ରେ ବଡ ଫାଟ ସୃଷ୍ଟି ହୋଇ ଘର ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଏଣୁ କ୍ଷତିଗ୍ରସ୍ତ ଗରିବ ପରିବାରଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହେଉଛି। ଘର କାନ୍ଥ ତଳେ ଜୀବିକା ପାଇଁ ଥିବା କୁମ୍ଭାର ଚକ ସହ ସମସ୍ତ ଆସବା ପତ୍ର ରହିଯାଇଥିବା ସୂଚନା ମିଳିଛି।

## କଳାହାଣ୍ଡି ଜିଲ୍ଲା ଯୋଜନା କମିଟିର ବୈଠକ ଅନୁଷ୍ଠିତ

ଭବାନୀପାଟଣା,୨୧/୮(ନି/ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାର ଚଳିତ ବର୍ଷର ପ୍ରଥମ ଜିଲ୍ଲା ଯୋଜନା କମିଟିର ବୈଠକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ୍ୟ ତଥା ଧର୍ମଗଡ ବିଧାୟକ ଶ୍ରୀ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ସଭାରେ ମାନନୀୟଓ ନର୍ଲା ବିଧଓୟିକଓ ଶ୍ରୀମତୀ ମନୋରମା ମହାନ୍ତି, ଜିଲ୍ଲା ପରିଷଦ ସଭାପତି ମାନ୍ୟବର ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ପରିଷଦ ଉପ ସଭାପତି ଓ ସୁଧୀରା ମେହେର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଂଜନ ପ୍ରଧାନ, ଜିଲ୍ଲା ଯୋଜନା କମିଟିର ସଭ୍ୟ ଓ ସଭ୍ୟା, ସଂସଦ ଏବଂ ବିଧାୟକଙ୍କର ମନୋନୀତ ସଦସ୍ୟ ତଥା ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ଓ ସଭା ଆରମ୍ଭରେ ଦରଓ୍ୱାନ ସମସ୍ତ ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଜିଲ୍ଲା ଯୋଜନା କମିଟିର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଓ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ୨୦୨୬-୨୦୨୭ ଯୋଜନା ଆର୍ଥିକ ବର୍ଷ ପାଇଁ ସର୍ବମୋଟ ୪୩୧୮.୬୫ କୋଟି ଟଙ୍କାର ବିତ୍ତିୟ ବିବରଣୀର ମଂଜୁରୀ ପାଇଁ ସଭାରେ ଉପସ୍ଥାପନ କରିଥିଲେ। ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ମାନ୍ୟବର ଶ୍ରୀ ପାଟ୍ଟଯୋଶୀ ଜିଲ୍ଲାର ଜଳ ସେଚନ, ରାସ୍ତା, ପାନୀୟ ଜଳ, ଗମନା ଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ମୌଳିକ ଭିତିଭୂମିର ବିକାଶ ଉପରେ ବିଭାଗୀୟ ଅଧିକାରୀ ମାନଙ୍କୁ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ବିଭାଗୀୟ ଅଧିକାରୀମାନଙ୍କୁ ଠିକ ସମୟରେ ଓ ସଠିକ ଭାବରେ ଲୋକଙ୍କ ଅସୁବିଧାକୁ ସୁଚାରୁ ରୂପେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ନର୍ଲା ବିଧଓୟିକ ମନୋରମା ମହାନ୍ତି ଜିଲ୍ଲାରେ ଥିବା ଆର. ଡି. ଏବଂ ଆର.ଆଣ୍ଡ.ବି ର ସମସ୍ତ ରାସ୍ତାର ସଠିକ ରକ୍ଷଣା ବେକ୍ଷଣ କରିବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଜିଲ୍ଲା ଯୋଜନା କମିଟିର ସଦସ୍ୟ ଓ ସଦସ୍ୟା ନିଜ ନିର୍ବାଚିତ ମଣ୍ଡଳୀର ସମସ୍ୟାର ସୁଚାରୁରୂପେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଓ ସଭା ଶେଷରେ ଅଧ୍ୟକ୍ଷ ଶ୍ରୀ ପାଟ୍ଟଯୋଶୀ ଆର୍ଥିକ ବର୍ଷ-୨୦୨୬-୨୦୨୭ ସମଗ୍ର ଜିଲ୍ଲାର ବାର୍ଷିକ ଖସଡ଼ା ସର୍ବମୋଟ ୪୩୧୮.୬୫ କୋଟି ସର୍ବସମ୍ମତିରେ ଅନୁମୋଦନ କରିଥିଲେ ଓ ସଭା ଶେଷରେ ଶ୍ରୀ ଦଳେଇ ଉପସ୍ଥିତ ମଂଚାସୀନ ଅତିଥିବୃନ୍ଦ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ୍ୟ, ସଦସ୍ୟ, ସଦସ୍ୟା, ବିଭାଗୀୟ ସମସ୍ତ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ହୀରାକୁଦ : ୧୫ ଗେଟ୍ ଦେଇ ଜଳ ନିଷ୍କାସନ



ସମ୍ବଲପୁର,୨୧/୮(ନି/ପ୍ର): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆଜି ସଂଧ୍ୟା ୬ଟା ୩୦ ସୁଦ୍ଧା ୩ଟି ପର୍ଯ୍ୟାୟରେ ହୀରାକୁଦ ବନ୍ଧର ୮ଟି ଗେଟ୍ ଖୋଲାଯାଇଛି। ଫଳରେ ମୋଟ ଖୋଲାଥିବା ଗେଟ୍ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ମଙ୍ଗଳବାର ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୯.୯୭ ଫୁଟରେ ପହଚିଂଛି। ଏହି ସମୟରେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୨୮ ହଜାର ୪୫୯ ଘନଫୁଟ ପାଣି ପ୍ରବେଶ କରୁଥିଲାବେଳେ ବିଭିନ୍ନ ମାର୍ଗ ଦେଇ ୨ ଲକ୍ଷ ୬୯ ହଜାର ୭୪୯ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିଲା। ସେହି ସମୟରେ ମହାନଦୀ ତଳମୁଣ୍ଡ ଗେଜ୍ ଷ୍ଟେସନଗୁଡ଼ିକ ମଧ୍ୟରୁ ବେଲଗାଁରେ ୨୦ ହଜାର କ୍ୟୁସେକ୍, ପର୍ଥଲାରେ ୪୯ ହଜାର ୭୯୯ କ୍ୟୁସେକ୍, ଖଇରମାଳରେ ୨ ଲକ୍ଷ ୭୩ ହଜାର କ୍ୟୁସେକ୍, ବରମୂଳରେ ୧ ଲକ୍ଷ ୭୯ ହଜାର ୭୫୦ କ୍ୟୁସେକ୍ ଓ ମୁଣ୍ଡଳିରେ ୧ ଲକ୍ଷ ୬୩ ହଜାର ୮୧୬ କ୍ୟୁସେକ୍ ପାଣି ପ୍ରବାହିତ ହେଉଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ହାରାହାରି ୪୦.୧୭ ମିଲିମିଟର ଓ ତଳମୁଣ୍ଡରେ ୧୯.୬୨ ମିଲିମିଟର ବର୍ଷା ରେକର୍ଡ ହୋଇଛି।

## ନିଶାମୁକ୍ତି ଓ ଆତ୍ମସୁରକ୍ଷା ସଚେତନତା

ନୂଆପଡ଼ା,୨୧/୮(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ପକ୍ଷରୁ ପ୍ରଜାପତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ନିଶାମୁକ୍ତି ଓ ଆତ୍ମସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବି.କେ. ସୂର୍ଯ୍ୟକାନ୍ତି ଭଉଣୀ ଯୋଗଦେଇ ନିଶାମୁକ୍ତ ଜୀବନର ଗୁରୁତ୍ୱ ଏବଂ ଯୁବ ସମାଜକୁ ନିଶାର କୁପ୍ରଭାବରୁ ଦୂରେଇ ରଖିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

## ୧୫ଦିନ ମଧ୍ୟରେ ବୈତରଣୀ ଓ ସାଳନ୍ଦୀ ନଦୀର ୩ଟି ବନ୍ୟା :

### ଭଦ୍ରକ ଜିଲାର ୫ଟି ବ୍ଲକର ୬୦ପଂଚାୟତ ୩ଶହରୁ ଉର୍ଦ୍ଧ ଗାଁ ପ୍ରଭାବିତ

ଭଦ୍ରକ,୨୧/୮(ନି/ପ୍ର): ଦୀର୍ଘ ୧୫ଦିନ ହେଲା ପାଖକୁପାଖ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ଆସିବାରୁ ଭଦ୍ରକ ଜିଲାର ୫ଟି ବ୍ଲକର ୬୦ଟି ପଂଚାୟତର ୩ଶହରୁ ଉର୍ଦ୍ଧ ଗାଁ ପ୍ରଭାବିତ କରିଛି। ଏବେବି ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ଲଘୁଚାପଜନିତ ଲଗାଣ ବର୍ଷା ତଳମୁଣ୍ଡରେ ସମୁଦ୍ର ଜୁଆରିଆ ଥିବାରୁ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ସ୍ଥିତି ଗମ୍ଭୀର ରହିଛି। ଫଳରେ ୭ଦିନ ହେବ ଭଣ୍ଡାରିପୋଖରୀ ,ଧାମନଗର, ତିହିଡ଼ି, ଚାନ୍ଦବାଲି ବ୍ଲକରେ ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏବେବି ହଦଗଡ଼ ଡ୍ୟାମରୁ ୫ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ସାଳନ୍ଦୀ ନଦୀର ଜଳସ୍ତରର ସୁଧାର ଆସିନାହିଁ। ଏପଟେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ଛାଡିନଥିବା ବେଳେ ପୁଣି ତୃତୀୟ ଥର ପାଇଁ ଆଖୁଆପଦା ଠାରେ ବୈତରଣୀ ଓ ଭଦ୍ରକ ରାଜଘାଟଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବୈତରଣୀ ଓ ତାର ଶାଖାନଦୀର ବନ୍ୟାପାଣିରେ ଉଛୁଳା ଥିବାରୁ ଭଣ୍ଡାରୀପୋଖରୀ ଓ ଧାମନଗରରେ ବନ୍ୟା ପରିସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଶତାଧିକ ଗାଁ ବାହ୍ୟଜଗତରୁ ବିଛିନ୍ନ ହୋଇଯାଇଛି। ତାହା ସହ ଭଣ୍ଡାରୀପୋଖରୀ ଓ ଧାମନଗର ଅଂଚଳର ଅନେକ ରାସ୍ତାରେ ୩/୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ଠପ୍ ହୋଇଯାଇଛି। ସେହିପରି ଭଦ୍ରକ ରାଜଘାଟ ଠାରେ ବିପଦ ସଙ୍କେତ ୧୭ଫୁଟ ଥିବା ବେଳେ ବିପଦ ସଂକେତ ଠାରୁ ବହୁ ଉର୍ଦ୍ଧରେ ପ୍ରବାହିତ ହେଉଥିବାରୁ ଉଭୟ ବୈତରଣୀ ଓ ସାଳନ୍ଦୀ ନଦୀର ଶାଖା ନଦୀ ରେବ, କୋଚିଳା, ନାଳିଆ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ବ୍ଲକର ୬୦ଟି ପଂଚାୟତର ୩ଶହରୁ ଉର୍ଦ୍ଧ ଗାଁ ପ୍ରଭାବିତ ହେବା ସହ ଶତାଧିକ ଗାଁ ବାହ୍ୟଜଗତରୁ ବିଛିନ୍ନ ହୋଇଯାଇଛି। ତାହାସହ ନାଳିଆ ନଦୀର ବିଷ୍ଣୁପୁରବିନ୍ଧା ନିକଟରେ ୫୦ଫୁଟର ଘାଇ ହୋଇଥିବାରୁ ଭଦ୍ରକ ସହରାଂଚଳ ସହ ତିହିଡି ବ୍ଲକ ୧୦ ଗାଁ ପ୍ରଭାବିତ ହୋଇଛି। ଭଣ୍ଡାରୀପୋଖରୀ ବ୍ଲକର ରହଣିଆ, ମାଳଦା, ଷୋଳମପୁର, ନପଙ୍ଗ ଓ କୋରିଗାଁ ଆଦି ୧୦ଟି ପଂାୟତର ୩୦ ଗାଁ ୭ଦିନ ଧରି ବନ୍ୟା ଘେରରେ ରହିଛି। ଲଗାଣବର୍ଷା ଲାଗି ରହିଥିବାରୁ ବିପନ୍ନଙ୍କର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ତାହା ସହ ଚାଷଜମି ଓ ତଳିଆ ଅଂଚଳରେ ଏବେବି ବନ୍ୟାପାଣି ଲହଡ଼ି ମାରୁଛି। ସେହିପରି ଧାମନଗର ବ୍ଲକର ସୋହଡା, ଦ୍ୱୋଲ, ଆନନ୍ଦପୁର, କର୍କଦା, ଅର୍ଜୁନପୁର, ନଦୀ ଗାଁ, ଧୁଷୁରୀ, ଷେଣ୍ଡପୁର, ହସନାବାଦ ଆଦି ୨୫ ପଂଚାୟତର ୭୦ ଗାଁ ୭ଦିନ ହେବ ବନ୍ୟାଜଳ ପ୍ରବେଶ କରିବା ଫଳରେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଅର୍ଜୁନପୁର ଠାରେ ବୈତରଣୀ ନଦୀର ଏକ ଘଳିଆ ପଡ଼ିଥିବାରୁ ଲୋକ ଆତଙ୍କିତ ହୋଇ ନଦୀବନ୍ଧକୁ ଜଗି ରହିଛନ୍ତି। ତାହାସହ ଧୁଷୁରୀ-ଯାଜପୁର ରାସ୍ତାର ହସନାବାଦ ନିକଟରେ ୪/୫ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏପଟେ ବୈତରଣୀ ଓ ସାଳନ୍ଦୀ ନଦୀର ଆସିଥିବା ବନ୍ୟା ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ସୁନ୍ଦରପୁର, ଓଳଗ ୪ଟି ପଂଚାୟତର ୨୪ଟି ଗାଁକୁ ପାଣି ମାଡିବାରୁ ମୁଁଆ ଓ ଭୁଇଁପୁର ଘୋଷରା ରାସ୍ତାରେ ୪ଫୁଟ ଉଚ୍ଚରେ ବନ୍ୟାପାଣି ଚାଲୁଥିବାରୁ ୨୦ରୁ ଉର୍ଦ୍ଧ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ତାହାସହ ବୈତରଣୀ ନଦୀର ବନ୍ୟାପାଣି କୂଳ ଲଙ୍ଘିବାରୁ ବୋଡକ ଓ ଷାଠିବାଙ୍କୁଡା ନିକଟରେ ନଦୀବନ୍ଧ ନଥିବାରୁ ଦୀର୍ଘ ୭ଦିନ ହେବ ଆଖଣ୍ଡଳମଣି - କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ୩ଶହ ଫୁଟ ରାସ୍ତା ଧୋଇଯିବା ସହ ୪/୫ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟତ ଠପ୍ ହୋଇଯିବା ସହିତ ବନ୍ୟାପାଣି ମାଡିବାରୁ ଆରଡି ସମେତ ୨୪ଟି ଗାଁ ଜଳବନ୍ଦୀ ହୋଇଛି।




## ସର୍କିଟ ହାଉସରୁ ପିସ୍ତଲ ଓ ଗୁଳି ଜବତ ଘଟଣା :

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବି କରି ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର



ରାଉରକେଲା,୨୧/୮(ନି/ପ୍ର): ଦେଶ ଓ ରାଜ୍ୟର ଭିଭିଆଇପିଙ୍କ ରହଣୀ ସ୍ଥଳ ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ଜବତ୍ ପିସ୍ତଲ, କାର୍ଟିଜ ଓ ଜୀବନ୍ତ ଗୁଳି ସମେତ ୭ ଅଭିଯୁକ୍ତଙ୍କ ଗିରଫ୍ ପରେ, ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମ ପ୍ରତିନିଧି ପ୍ରକାଶ ପାଶ୍ୱାନଙ୍କ ସମ୍ପୃକ୍ତିକୁ ନେଇ ପ୍ରଶ୍ନ ଉଠିବା ପରେ, ପ୍ରକାଶ ପାଶ୍ୱାନଙ୍କୁ ଗୁରୁବାର ଦିନ ଭାରତୀୟ ଜନତା ପାର୍ଟିରୁ ନିଲମ୍ବିତ କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ସୁନ୍ଦରଗଡ ଜିଲ୍ଲାର ଜନସାଧାରଣଙ୍କ ପକ୍ଷରୁ ପ୍ରକାଶ ପାଶ୍ୱାନଙ୍କ ଗିରଫ ଦାବି କରାଯିବା ସହ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କୃତ ଦାବି କରି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପାନପୋଷ ଉପଖଣ୍ଡ ଅଧୀନରେ ପରିଚାଳିତ ସରକାରୀ ସର୍କିଟ ହାଉସର ରୁମ ନମ୍ବର ୧୦୭ରୁ ଗତ ୧୪/୮/ ୨୦୨୬ ତାରିଖ ଦିନ ପୋଲିସ ଅଚାନକ ଚଢ଼ାଉ କରି ୩ ଜଣ ଅସାମାଜିକ ବ୍ୟକ୍ତିମାନଙ୍କୁ ଗିରଫ କରିଥିଲା । ଗିରଫ ବ୍ୟକ୍ତିମାନଙ୍କ ଠାରୁ ପୋଲିସ ବନ୍ଧୁକ ଓ ଜୀବନ୍ତ ଗୁଳି ଆଦି ଜବତ କରିଥିଲା । କେବଳସେତିକି ନୁହେଁ ଗିରଫ ବ୍ୟକ୍ତିଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆହୁରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମଧ ବନ୍ଧୁକ ଓ ଜୀବନ୍ତ ଗୁଳି ମଧ୍ୟ ଜବତ କରିଥିଲା । ଏ ସମ୍ବନ୍ଧରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସର୍କିଟ ହାଉସ୍ ବୁକିଙ୍ଗ କରିଥିବା ଜନୈକ ବିଜେପି ଯୁବନେତାଙ୍କୁ ଗିରଫ ନକରିବା କାରଣ କଣ ତାହା ଆଜି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେହେତୁ ଉକ୍ତ ଯୁବନେତା ଜଣଙ୍କ ରାଜ୍ୟ ପଦାଧିକାରୀ ଦାୟୀତ୍ୱରେ ଥିବା ବେଳେ ବର୍ତମାନ ସୁନ୍ଦରଗଡ ଲୋକସଭା ସାଂସଦ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମର ପ୍ରତିନିଧି ଭାବେ କାର୍ଯ୍ୟରତ । ଏଥିପାଇଁ ବୋଧେହୁଏ ପୋଲିସ୍ ଉକ୍ତ ଯୁବନେତାଙ୍କ ଉପରେ ହାତ ମାରିବାର ସାହାସ କରିପାରୁନଥିଲେ । ତେବେ ଉକ୍ତ ଯୁବନେତା ପ୍ରକାଶ ପାଶ୍ୱାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ମିଡ଼ିଆ ସେଲ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ରାଜ୍ୟ ବିଜେପିର ଏହି ପଦକ୍ଷେପ ବୋଧହୁଏ ଯୁବନେତା ପ୍ରକାଶଙ୍କୁ ଗିରଫ ହେବା ପାଇଁ ସହାୟକ ହେବ। ତେବେ ଯାହାଙ୍କ ଯୋଗୁଁ ପ୍ରକାଶଙ୍କ ଦୌରାତ୍ମ୍ୟ ବଢି ଯାଇଥିଲା ଏପରିକି ଅସାମାଜିକ ଲୋକଙ୍କ ସହିତ ସମ୍ପର୍କ ରଖିପାରୁଥିଲା, ସେହି ନେତା ତଥା ସୁନ୍ଦରଗଡ ଲୋକସଭା ସାଂସଦ ଜୁଏଲ ଓରାମଙ୍କୁ ଦଳରୁ ନିଲମ୍ବିତ କରାଯିବା ସହିତ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯିବା ପାଇଁ ସୁନ୍ଦରଗଡ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି। ଏଥିସହିତ ବନ୍ଧୁକ ବେପାରୀଙ୍କ ସହିତ ପ୍ରକାଶ ପାଶ୍ୱାନ ଏବଂ କେନ୍ଦ୍ରମନ୍ତ୍ରୀଙ୍କ କି ସମ୍ପର୍କ ଥିଲା, ଯାହା ତାଙ୍କ ଦ୍ୱାରା ସର୍କିଟ ହାଉସରେ ବୁକିଙ୍ଗ ହୋଇଥିବା ଏକ ରୁମରେ ବନ୍ଧୁକଧାରୀ କିପରି ପ୍ରବେଶ କଲେ ଜୁଏଲଙ୍କ ସହ ବନ୍ଧୁକଧାରୀମାନଙ୍କ ସମ୍ପର୍କ କଣ ? ଏ ସମସ୍ତ ବିଷୟରେ ସିବିଆଇ ଦ୍ୱାରା ତଦନ୍ତ କରାଇବା ପାଇଁ ସୁନ୍ଦରଗଡ଼ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ର ସମୟରେ ଦିଲ୍ଲୀପ ଲାଲଜୀ, ହରମୋନ ଲୁଗୁନ, ରୋଶନୀ ଏକ୍କା, ହଜୱାବା ଶେଖ୍, ଦୀପକ ସମାସୀ, ରୋହିତ ଓରାମ, ଶିବରାଜ ବେହେରା, ସଞ୍ଜୀବ ତିର୍କୀ ପ୍ରମୁଖ।

# ଲାଠିକଟା ତହସିଲଦାର ତଥା ସବ-ରେଜିଷ୍ଟ୍ରାର ଭିଜିଲାନ୍ସ ଦ୍ୱାରା ଅଟକ





ରାଉରକେଲା,୨୧/୮(ନି/ପ୍ର): ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ସୁନ୍ଦରଗଡ ଜିଲ୍ଲା ଲାଠିକଟା ତହସିଲଦାର ତଥା ସବ-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କୁ କିଛି ସମୟ ପୂର୍ବରୁ ଲାଠିକଟାର ରାଜାବସା ଛକ ନିକଟରେ ଭିଜିଲାନ୍ସର ଏକ ଦଳ ଦ୍ୱାରା ଅଟକା ଯାଇଥିଲା। ସେତେବେଳେ ଶ୍ରୀ ଉର୍ମାଲ ଲାଠିକଟା ସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ରାଉରକେଲା ସ୍ଥିତ ବାସଭବନକୁ ଭଡା ନେଇଥିବା ଅଫିସ ଗାଡ଼ି (ସ୍କର୍ପିଓ)ରେ ଫେରୁଥିଲେ। ତାଙ୍କ ନିକଟରୁ ୫ ଲକ୍ଷ ଟଙ୍କା ସନ୍ଦେହଜନକ ବେଆଇନ୍ ଟଙ୍କା ଜବତ୍ କରାଯାଇଥିଲା। ମୂରଲୀଧର ଉର୍ମାଲ ସନ୍ତୋଷଜନକ ଉତର ଦେଇ ନପାରିବାରୁ, ତାଙ୍କଠାରୁ ଉଦ୍ଧାର ହୋଇଥିବା ନଗଦ ୫ ଲକ୍ଷ ଟଙ୍କା ଏବଂ ସ୍କୋର୍ପିଓ ଗାଡ଼ିକୁ ମଧ୍ୟ ଜବତ କରାଯାଇଥିଲା। ଏହା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ଉର୍ମାଲଙ୍କ ବାସଭବନ ସମେତ ୩ଟି ସ୍ଥାନରେ ଏକକାଳୀନ ତଲାସି ଆରମ୍ଭ କରାଯାଇଛି। ତଲାସ ଜାରି ରହିଛି। ଭିଜିଲାନ୍ସ ପକ୍ଷରୁ ପରବର୍ତୀ ସୂଚନାକୁ ଅପେକ୍ଷା କରାଯାଇଛି ।

# ହାଇୱା ଚାପାରେ ଶିଶୁକନ୍ୟା ସହ ୨ ମହିଳା ମୃତ



ସୁନ୍ଦରଗଡ଼,୨୧/୮(ନି/ପ୍ର): ସୁନ୍ଦରଗଡ଼ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଭଷ୍ମା ଥାନା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଘଟିଛି ଛାତିଥରା ଦୁର୍ଘଟଣା। କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଏକ ଶିଶୁ ସହ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଅଂଚଳରେ ତୀବ୍ର ଉନ୍ତେଜନା ସୃଷ୍ଟି ହୋଇଛି। ମୃତକମାନେ ହେଲେ ସଦରଥାନା ଗଇଯୋର ଗାଁର। ସେମାନଙ୍କ ପରିଚୟ ଏଯାଏଁ ଜଣାପଡ଼ିନାହିଁ। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ୨ ଜଣ ମହିଳା ଜଣେ ଶିଶୁକୁ ଧରି ସ୍କୁଟିରେ ଭଷ୍ମା ଥାନାକୁ କୌଣସି କାମରେ ଆସି ଫେରୁଥିଲେ। ପେଟ୍ରୋଲ ପମ୍ପରୁ ବାହାରୁ ଥିବା ଏକ କୋଇଲା ବୋଝେଇ ଟ୍ରେଲର ସ୍କୁଟି ସହ ୩ ଜଣକୁ ଚାପି ଦେଇଥିଲା। ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ହୋଇଗଲା। ସ୍ଥାନୀୟ ଲୋକେ ଧାଇଁ ଆସିଥିଲେ ମଧ ଚକ ତଳେ ଚାପି ହୋଇ ରହିଥିବା ମୃତଦେହକୁ ବାହାର କରିବା ସମ୍ଭବ ହୋଇପାରି ନାହିଁ।

# ଭିଜିଲାନ୍ସ ବିଭାଗ ପକ୍ଷରୁ ଲାଠିକଟା ତହସିଲଦାର ଓ ସବ-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କ ସମ୍ପତିର ହିସାବ



ରାଉରକେଲା,୨୧/୮(ନି/ପ୍ର): ଗତକାଲି ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କ ସ୍କର୍ପିଓରୁ ୫ଲକ୍ଷ ଟଙ୍କା ଜବତ୍ ସହ ତାଙ୍କ ସ୍କର୍ପିଓକୁ ଭିଜିଲାନ୍ସ ପକ୍ଷରୁ ଜବତ୍ କରାଯିବା ସହିତ ତାଙ୍କ ରାଉରକେଲା ସ୍ଥିତ ବାସଭବନ ସମେତ ୩ଟି ସ୍ଥାନରେ ଚଢାଉ ଜାରି ରହିଥିଲା। ଆଜି ଭିଜିଲାନ୍ସ ପକ୍ଷରୁ ୫ଲକ୍ଷ ଟଙ୍କା ସହ ସ୍କର୍ପିଓ ଜବତ୍ ବ୍ୟତୀତ, ସୁନ୍ଦରଗଡ଼ ଏବଂ ରାଉରକେଲାରେ ଘର ତଲାସୀ ସମୟରେ ଶ୍ରୀ ଉର୍ମାଲଙ୍କ ଘରୁ ନଗଦ ୫.୭୪ ଲକ୍ଷ ଟଙ୍କା ମିଳିଥିଲା। ଏପର୍ଯ୍ୟନ୍ତ ଶ୍ରୀ ଉର୍ମାଲଙ୍କ ଠାରୁ ମୋଟ ନଗଦ ଜବତ ୧୦.୭୪ ଲକ୍ଷ ଟଙ୍କା ସହିତ ଖୋଲତାଡ଼ ହୋଇଥିବା ଅନ୍ୟାନ୍ୟ ସମ୍ପତି ଓ ମୂଲ୍ୟବାନ ଜିନିଷଗୁଡ଼ିକ ମଧ୍ୟରେ ରହିଛି ସୁନ୍ଦରଗଡ଼ର କର୍ମଡିହିରେ ପ୍ରାୟ ୩୭୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଏକ ଦ୍ୱିମହଲା କୋଠା, ସୁନ୍ଦରଗଡ଼ ଏବଂ ରାଉରକେଲା ସହର ବାହାରେ ରହିଛି ୬ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ସୁନା ଅଳଙ୍କାର ୨୪୧ ଗ୍ରାମ ଏବଂ ରୂପା ଅଳଙ୍କାର ୬୩୫ ଗ୍ରାମ୍ ସମେତ ବ୍ୟାଙ୍କ, ଡାକଘର ଏବଂ ବୀମା ଜମା ୬୬.୧୦ ଲକ୍ଷ ଟଙ୍କା, ଗୋଟିଏ ଚାରି ଚକିଆ ଗାଡ଼ି (ଆଇ ୧୦ ହୁଣ୍ଡାଇ ଗ୍ରାଣ୍ଡ ସ୍ପୋର୍ଟସ୍) ଏବଂ ୩ଟି ଦୁଇ ଚକିଆ ଗାଡ଼ି। ଭିଜିଲାନ୍ସ ପକ୍ଷରୁ ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କ ବିରୋଧରେ ଚଢାଉ ଜାରି ରହିବା ସହିତ ପରବର୍ତୀ ସୂଚନାକୁ ଅପେକ୍ଷା କରାଯାଇଛି। କଥାରେ ଅଛି 'ଅଧର୍ମ ବିତ ବଢେ ବହୁତ, ଯିବାବେଳେ ଯାଏ ମୂଳ ସହିତ'। ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗରେ ରହିଥିବା ଓ.ଆର.ଏସ୍ ଏବଂ ଓଏଏସ୍ ଅଧିକାରୀଙ୍କ ସମେତ ଆର.ଆଇ. ସର୍କଲରେ ଜମିଜମାକୁ ନେଇ ଜାଲିଆତି ଭରି ରହିଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଜମି ମାଲିକମାନେ ସିଭିଲ୍ କୋର୍ଟର ଆଶ୍ରୟ ନେଉଛନ୍ତି। ସିଭିଲ୍ କୋର୍ଟରେ ତାରିଖ ପରେ ତାରିଖ ଚାଲୁଥିବାରୁ, ସେଥିରେ ମଧ ନ୍ୟାୟ ମିଳିବାରେ ବିଳମ୍ବ ଦେଖାଦେଇଛି। ରାଜସ୍ୱ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ଦୁଇଟି ପଦବୀ ମିଳିବା ପରେ, ଏହାର ଦୁରୁପଯୋଗ ହେବା ସ୍ୱାଭାବିକ। ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲ ନିଜ ଦୁଇଟି ପଦବୀର ଦୁରୁପଯୋଗ କରିଥିବାରୁ, ତାଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ଆବଶ୍ୟକ ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

# ଚୋରା ମଦ ଜବତ : ୮ ଜଣ ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୧/୮(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଚୋରା ମଦ କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି କ୍ରମରେ ଆଳି, ରାଜକନିକା, ମାର୍ଶାଘାଇ, ଜମ୍ବୁ ମେରାଇନ୍, ଡେରାବିଶ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାସଙ୍ଗଳ ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଦାସଭାଗରିଆ ଗ୍ରାମର ରୁଣୁ ବେହେରା(୩୭)ଙ୍କ ନିକଟରୁ ୨୬ ଲିଟର ବିଦେଶୀ ମଦ, ତୁଳଶିଶାସନ ଗ୍ରାମର ତ୍ରିଲୋଚନ ଦାସ(୫୧)ଙ୍କ ନିକଟରୁ ୧୯ ଲିଟର ଦେଶୀ ମଦ, ବାରୁଣଦିଆ ଗ୍ରାମର ଜିତେନ୍ଦ୍ର ସେଠୀ(୩୫)ଙ୍କ ନିକଟରୁ ୨୨ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ପ୍ରଭାକରପୁର ଗ୍ରାମର ଗାମୀ ରାଉତ(୩୬)ଙ୍କ ନିକଟରୁ ୯ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମଯୋରି ଗ୍ରାମର ଶୁକ ଖିଲର(୫୫)ଙ୍କ ନିକଟରୁ ୧୦ ଲିଟର ଦେଶୀ ରନ୍ଧା ମଦ, ଜମ୍ବୁ ଗ୍ରାମର ଦିଲୀପ ପଲେଇ (୪୫)ଙ୍କ ନିକଟରୁ ୧୮ ଲିଟର ବିଦେଶୀ ମଦ, ନୀଳିକଣା ଗ୍ରାମର ଅଜୟ କୁମାର ସ୍ୱାଇଁ(୪୮)ଙ୍କ ନିକଟରୁ ୨୭ ଲିଟର ବିଦେଶୀ ମଦ ଏବଂ ବିଶ୍ୱକ ଗ୍ରାମର ପ୍ରଶାନ୍ତ କୁମାର ସାହୁ(୪୪)ଙ୍କ ନିକଟରୁ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଚୋରା ମଦ କାରବାର ଓ ଅବୈଧ ମଦ ପ୍ରସ୍ତୁତି ବିରୋଧରେ ଆଗାମୀ ଦିନରେ ମଧ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉକୁ ଆହୁରି ଜୋରଦାର କରାଯିବ ବୋଲି କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ଶ୍ରୀ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି।

## ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ ଭେଟିଲେ ଆମ ଆଦମୀ ପାର୍ଟିର ଏକ ପ୍ରତିନିଧି ଦଳ



ରାଉରକେଲା,୨୧/୮(ନି/ପ୍ର): ଗତ ଅଗଷ୍ଟ ୨୦୨୬ ତାରିଖ ଦିନ ରାଉରକେଲା ସର୍କିଟ ହାଉସରୁ ଦୁଇଜଣ ଅପରାଧି ବନ୍ଧୁକ ସହିତ ଧରାପଡିଥିବା ଘଟଣା ବିଷୟରେ ଆମ ଆଦମୀ ପାର୍ଟିର ଏକ ପ୍ରତିନିଧି ଦଳ ରାଉରକେଲା ଉପଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାନ୍ତ ମଲ୍ଲିକ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନିତେଶ ବାଧୱାନିଙ୍କୁ ଭେଟି କାହା ନାଁରେ ୨୦ ରୁ ଅଧିକ ଦିନ ଧରି ସର୍କିଟ ହାଉସ ବୁକ୍ କରାଯାଇଥିଲା ଜାଣିବାକୁ ଚାହିଁଥିଲେ ? କିନ୍ତୁ ବିଜେପି ସରକାର ର ଚାପ ଫଳରେ କେହି ବି ବୁକ୍ କରିଥିବା ବ୍ୟକ୍ତି ର ନାଆଁ କହିବାକୁ ସାହସ କଲେ ନାହିଁ। ପ୍ରକାଶ ଥାଉ ଯେ ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ କେହି ବି ସର୍କିଟ ହାଉସ ବୁକ୍ କରିପାରିବେ ନାହିଁ। ପୁଲିସ ୭ ଜଣ ଅପରାଧିଙ୍କୁ ଧରିବା ରେ ସଫଳ ହୋଇଛି କିନ୍ତୁ ତାଙ୍କ ସମ୍ପର୍କରେ ଥିବା ବ୍ୟକ୍ତି ଯିଏ ସେହି ଅପରାଧିଙ୍କୁ ସର୍କିଟ ହାଉସରେ ପ୍ରଶ୍ରୟ ଦେଇଥିଲା ତାକୁ ଗିରଫ କରୁନାହିଁ କିମ୍ବା ସେ ଲୋକର ନାଆଁ ଗଣମାଧ୍ୟମରେ ପରିପ୍ରକାଶ କରୁନାହିଁ ତେଣୁ ଆଶଙ୍କା ହେଉଛି ଯେ ସେ ଲୋକ ଶାସକ ଦଳରୁ ହିଁ ଥିବ। ଏହି ବାବଦରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ମଧ ଗଣମାଧମର ପ୍ରଶ୍ନର କିଛି ଉତର ନ ଦେଇ ଚାଲିଯିବା ଦ୍ୱାରା ସ୍ୱଷ୍ଟ ହେଉଛି ଯେ ସେ ବ୍ୟକ୍ତି ଜଣଙ୍କୁ ବିଜେପି ସଂରକ୍ଷଣ ଦେଉଛି। ଯେହେତୁ ବର୍ତମାନ ସ୍ଥିତିରେ ପୁଲିସ ଓ ପ୍ରଶାସନ ବିଜେପି ସରକାର ଅଧୀନରେ ଅଛି ତେଣୁ ଆମ ଆଦମୀ ପାର୍ଟି ଦାବି କରୁଛି ଯେ ଉକ୍ତ ଅପରାଧୀମାନଙ୍କ ସମ୍ପର୍କରେ ଥିବା ବ୍ୟକ୍ତି ଜଣଙ୍କୁ ତୁରନ୍ତ ଗିରଫ କରାଯାଉ ଓ ରାଉରକେଲାରେ ଶାନ୍ତି ସ୍ଥାପନ କରାଯାଉ। ଏହି ଅବସରରେ ଆମ ଆଦମୀ ପାର୍ଟିର ଲୋକସଭା ପ୍ରଭାରୀ ବିନୟ ତିୱାରୀ, ରାଉରକେଲା ଜିଲ୍ଲା ଯୁବ ସଭାପତି ନୀତିଶ କୁମାର, ଆଜମେର ଖାନ, ରମେଶ ଶତପଥୀ, ଅମ୍ଲାନ ପାଲ, ସ୍ୱାଧୀନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନର ନଜର

କେନ୍ଦ୍ରାପଡ଼ା,୨୧/୮(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଂଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି। ୨୦ ଅଗଷ୍ଟ ୨୦୨୬ ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ- ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ପୌରାଂଚଳର ୧୨ଟି ୱାର୍ଡ଼ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୬୬ଟି ଗ୍ରାମ ପଂଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଥିବାବେଳେ ୨,୫୧,୯୬୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରୁ ଏପର୍ଯ୍ୟନ୍ତ ୬,୩୫୦ ଜଣଙ୍କୁ ୩୧ଟି ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ଆଜି ୭ଟି କେନ୍ଦ୍ରରେ ୧,୨୬୦ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ମୋଟ ୩୮ଟି ମୁକ୍ତ ରୋଷେଇ/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବାବେଳେ ଆଜି ୧୬ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଆଜି ୪,୯୩୫ ଜଣ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ଭାବେ ୬,୩୫୦ ଜଣ ହିତାଧିକାରୀ ଏହି ବ୍ୟବସ୍ଥାରୁ ଉପକୃତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଏଥିରେ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଏବଂ ରାଜକନିକାରେ ୨ଟି ଟିମ୍ ରହିଛି। ସେହିପରି ୬ଟି ଭେଟେରିନାରୀ ଟିମ୍ ମଧ ନିୟୋଜିତ ଅଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ଜରୁରୀ ରିଲିଫ୍ ଭାବେ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ୍, ପାଣି ଓ ଅନ୍ୟାନ୍ୟ ସାମଗ୍ରୀ ବଂଟନ କରାଯାଉଛି। ସମୁଦାୟ ଭାବେ ୭୨୮.୯୮ କ୍ୱିଂଟାଲ୍ ଚାଉଳ, ୫୫.୩ କ୍ୱିଂଟାଲ୍ ଚୁଡ଼ା ଓ ୮୧ କ୍ୱିଂଟାଲ୍ ଗୁଡ଼/ଚିନି ବଂଟନ କରାଯାଇଛି। ଏହାସହ ୧୬,୯୧୪ ପ୍ୟାକେଟ୍ ବିସ୍କୁଟ୍, ୧,୧୬,୬୨୦ ବୋତଲ ପାଣି ଓ ୬୧,୦୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି। ଆଜି ୨୧୨.୪୫ କ୍ୱିଂଟାଲ୍ ଚୁଡ଼ା, ୮.୮୫ କ୍ୱିଂଟାଲ୍ ଗୁଡ଼/ଚିନି, ୨,୪୦୪ ପ୍ୟାକେଟ୍ ବିସ୍କୁଟ୍, ୨୮,୭୦୦ ବୋତଲ ପାଣି ଓ ୧୭,୫୦୦ ପାଣି ପାଉଚ୍ ବଂଟନ କରାଯାଇଛି। ବନ୍ୟାଜଳରେ ବୁଡ଼ିଯିବା କାରଣରୁ ୧୪୨ଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ପାୱାର ବୋଟ୍, ୧୩୭ଟି ଦେଶୀ ଡଙ୍ଗା ଏବଂ ୧୭ଟି ମେକାନାଇଜଡ୍ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବନ୍ୟା ପ୍ରଭାବରେ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଂଚଳ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବନ୍ୟାଜଳ ହ୍ରାସ ପରେ ଫସଲ ଓ ଘରବାଡ଼ି କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ। ବ୍ରାହ୍ମଣୀ ନଦୀ ଅଳଭା ଠାରେ ଜଳସ୍ତର ୫.୯୦ ମିଟର, ଯାହାର ବିପଦ ସଙ୍କେତ ୪.୮୮ ମିଟର। ଗୋପାଳପୁର ଠାରେ ଜଳସ୍ତର ୧୦.୨୧ ମିଟର, ବିପଦ ସଙ୍କେତ ୧୦.୦୫ ମିଟର ରହିଛି। ଜେନାପୁର ଆନିକଟରେ ଜଳସ୍ତର ୬୪.୪୦ ଫୁଟ୍, ବିପଦ ସଙ୍କେତ ୬୭ ଫୁଟ୍ ରହିଛି। ବୈତରଣୀ ନଦୀ ଆଖୁଆପଦା ଠାରେ ଜଳସ୍ତର ୧୮.୦୭ ମିଟର, ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ମୁଣ୍ଡଳୀ ଠାରେ ୪,୭୪,୬୨୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୨୦ ଅଗଷ୍ଟ ୨୦୨୬ରେ ଜିଲ୍ଲାରେ ମୋଟ ୪୭ ମି.ମି. ବର୍ଷା ରେକର୍ଡ଼ ହୋଇଥିବାବେଳେ ଜିଲ୍ଲାର ହାରାହାରି ବର୍ଷା ୫.୨୨ ମି.ମି. ରହିଛି। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ସୁବାଷ ନାଥ ଶର୍ମା ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଓ ରିଲିଫ୍ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ଏସ୍ଆର୍ସି ଶ୍ରୀ ଶର୍ମା ବନ୍ୟା ପ୍ରଭାବିତ ଅଂଚଳର ଭୂମିସ୍ତରୀୟ ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବିଶିଷ୍ଟ କ୍ରୀଡ଼ାବିତ୍ ସମ୍ମାନିତ




ରାଉରକେଲା,୨୧/୮(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ୧୭ ଜଣ ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ୩ ଜଣ ପ୍ରଶିକ୍ଷକଙ୍କୁ ଅଗଷ୍ଟ ୧୪ ତାରିଖରେ ସିଭିକ୍ ସେଂଟରଠାରେ ଆୟୋଜିତସମ୍ମାନ ସମାରୋହ-୨୦୨୬ରେ କ୍ରୀଡ଼ା ଉତ୍କର୍ଷ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଛି। ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (ଖଣି ) ଶ୍ରୀ ଏମ ପି ସିଂହ ଏବଂ ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ ବିଭିନ୍ନ କ୍ରୀଡ଼ାରେ, ବିଶେଷକରି ହକି ଓ ପାୱାରଲିଫ୍ଟିଂରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍ ମାନଙ୍କୁ ଏ ଅବସରରେ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କୃତ ଙ୍କ ମଧ୍ୟରେରୋହିତ ରାଜ ଭଟ୍ଟାଙ୍କୁ ଜୁନିୟର ନ୍ୟାସନାଲ୍ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନଗଦ ପୁରସ୍କାର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ସେହିପରିବିକ୍ରମ କୁମାର ସିଂଙ୍କୁ ସବ୍-ଜୁନିୟର ନ୍ୟାସନାଲ୍ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ନଗଦ ପୁରସ୍କାର ଓ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆଲୋକ କାଣ୍ଡୁଲିନାଙ୍କୁ ଜୁନିୟର ମେନ୍ ନ୍ୟାସନାଲ୍ ହକି ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବାରୁ ସମ୍ମାନିତ କରାଯାଇଥିଲା। ଏହାସହିତ ସେଲ୍ ହକି ଏକାଡେମୀର ୧୩ ଜଣ ହକି କ୍ୟାଡେଟ୍—ମିଲାନ ଆଥୋକପାମ୍, ଅସୀମ ଏଡିସନ୍ କୁଜୁର, ଦର୍ଶନ ସତ୍ୟୱାନ ପ୍ରଧାନ, କୈଳାଶ କୁଜୁର, ବିକାଶ ସ୍ୱାଇଁ, ଦିନେଶ ବାର୍ଲା, ଲାଜରୁସ୍ ଧନୱାର, ମହମ୍ମଦ ଶାହିଦ, ବିକାଶ କୁଜୁର, ୱିନ୍‌ସେଟି ତିର୍କୀ, ସୁମନ କିଣ୍ଡୋ, ଅରୁଣ ଲାକ୍ରା, ବିନୋଦ ଏକ୍କା ଏବଂ କୁନାଲ କାୱରେ—ହକି ଇଣ୍ଡିଆ ସବ୍-ଜୁନିୟର ମେନ୍ ଏକାଡେମୀ ଚାମ୍ପିଅନ୍‌ସିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବାରୁ ସମ୍ମାନିତ ହୋଇଥିଲେ। ଶ୍ରେଷ୍ଠ ପ୍ରଶିକ୍ଷଣ ପାଇଁ ସମ୍ମାନବର୍ଗରେ ସେଲ୍ ହକି ଏକାଡେମୀ ର ପ୍ରଶିକ୍ଷକଶ୍ରୀ ରାଜୁ କାନ୍ତ ସାଇନିଙ୍କୁ ଜଲନ୍ଧର, ପଞ୍ଜାବଠାରେ ଆୟୋଜିତ ୧୫ତମ ହକି ଇଣ୍ଡିଆ ଜୁନିୟର ନ୍ୟାସନାଲ୍ ଚାମ୍ପିଅନ୍‌ସିପ୍‌ରେ ଦଳକୁ ରୌପ୍ୟ ପଦକ ଜିତାଇବାରେ ତାଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ଷ୍ଟ୍ରକ୍ଚରାଲ୍ ଆଣ୍ଡ ଫ୍ୟାବ୍ରିକେସନ୍ ସପ୍‌ର ଜୁନିୟର ଇଞ୍ଜିନିୟର ତଥା ଆରଏସ୍‌ପି ପାୱାରଲିଫ୍ଟିଂ ଦଳର ପ୍ରଶିକ୍ଷକଶ୍ରୀ ବିକ୍ରମ କୁମାର ସ୍ୱାଇଁଙ୍କୁ ଦିଲ୍ଲୀଠାରେ ଆୟୋଜିତ ସବ୍-ଜୁନିୟର ଓ ଜୁନିୟର ଚାମ୍ପିଅନ୍‌ସିପ୍‌ରେ ଖେଳାଳିମାନଙ୍କୁ ପ୍ରଥମ ସ୍ଥାନ ହାସଲ କରାଇବାରେ ତାଙ୍କର ମାର୍ଗଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ସ୍ପୋର୍ଟସ୍ ବିଭାଗର କନ୍‌ସଲ୍‌ଟାଂଟ କୋଚ୍‌ଶ୍ରୀ ଏ. କେ. ଦ୍ୱିବେଦୀଙ୍କୁ ସୁରତଠାରେ ଆୟୋଜିତ ତୃତୀୟ ହକି ଇଣ୍ଡିଆ ସବ୍-ଜୁନିୟର ମେନ୍ ଏକାଡେମୀ ଚାମ୍ପିଅନ୍‌ସିପ୍‌ରେ ସେଲ୍ ହକି ଏକାଡେମୀ ଦଳକୁ ବ୍ରୋଞ୍ଜ ପଦକ ଜିତାଇବାରେ ତାଙ୍କର ମାର୍ଗଦର୍ଶନ ପାଇଁ ଏ ଅବସର ରେ ସମ୍ମାନିତ କରାଯାଇଥିଲା। କାରଖାନାର ନିର୍ବାହୀ ନିର୍ଦ୍ଦେଶକ ସାମଗ୍ରୀ ପ୍ରବନ୍ଧନ ଶ୍ରୀ ଅନିଲ କୁମାର ଉକ୍ତ ପ୍ରଶିକ୍ଷକ ମାନଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ ।